# ଚାଷୀ ସମସ୍ୟା ନେଇ ଗର୍ଜିଲା କିଷାନ କଂଗ୍ରେସ

**ବଲାଙ୍ଗୀର,୧୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)**


ଚାଷୀ ଆନ୍ଦୋଳନରେ ବିଧାୟକ ନରସିଂହ ମିଶ୍ରଙ୍କ ସହ ମଞ୍ଚାସୀନ ଅନ୍ୟ ନେତା।

ଦୀର୍ଘ ୨୩ ବର୍ଷର ସ୍ଥିର ଶାସନ ରାଜ୍ୟରେ କୃଷକଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ଅଧିକ ଜଟିଳ କରିଦେଲାଣି। ନବୀନ ସରକାର ପ୍ରତି ପାଳିରେ ଚାଷୀଙ୍କ ପାଇଁ ଯେଉଁ ମାଳମାଳ ଯୋଜନା ଓ ପ୍ରତିଶ୍ରୁତି ଦେଇଥିଲେ ତାହା ସବୁ ମିଛ ବୋଲି ପ୍ରମାଣିତ ହୋଇସାରିଛି। ଚାଷରୁ ଦୁଇଗୁଣା ଲାଭ ସ୍ୱପ୍ନ ଦେଖାଇ ଭୋଟ ହାତେଇ ଥିବା ରାଜ୍ୟ ବିଜେଡି ସରକାର ଚାଷୀଙ୍କୁ ଶୋଷଣ କରି ସର୍ବସ୍ୱାନ୍ତ କରିସାରିଲେଣି। ଏବେ ଜବାବ ଦେବାର ସମୟ ଉପନୀତ ବୋଲି ବିଧାୟକ ନରସିଂହ ମିଶ୍ର ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଜିଲା କିଷାନ କଂଗ୍ରେସର ଚାଷୀ ସମାବେଶରେ ଗର୍ଜିଥିଲେ। ଯଥାଶୀଘ୍ର ପ୍ରଦତ୍ତ ୯ ଦଫା ଦାବି ପୂରଣ ନହେଲେ ଆଗାମୀ ଦିନରେ ବିଶାଳ ଚାଷୀ ସମାବେଶ କରି ଉଚିତ୍ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଥିଲେ।

ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ମିଶ୍ରଙ୍କ ସହ ରାଜ୍ୟ କିଷାନ ସେଲ ସଭାପତି ଅମୀୟ ପଟ୍ଟନାୟକ, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଓ ଅନ୍ୟ ଦଳୀୟ ପଦାଧିକାରୀ ମଞ୍ଚାସୀନ ହୋଇଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ଶତାଧିକ ଚାଷୀ, କଂଗ୍ରେସ ନେତା, କର୍ମୀ ଓ ସମର୍ଥକ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ଆସିଥିଲେ। ସେଠାରେ ରାସ୍ତା ଅବରୋଧ କରି ପ୍ରତିବାଦ ସଭାରେ ରାଜ୍ୟ ବିଜେଡି ଓ କେନ୍ଦ୍ର ଭାଜପା ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରିଥିଲେ। ଏଆଇସିସି ସଦସ୍ୟ ମିଶ୍ର କହିଥିଲେ ଯେ, ରାଜ୍ୟରେ ୨୩ ବର୍ଷ ହେଲା ସ୍ଥିର ସରକାର ରହିଛି। ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳରେ ଗୋଟି ପିଲା ଜନ୍ମ ହୋଇ ଯୁବକ ହୋଇସାରିଛି। ତାକୁ ନିଯୁକ୍ତି ନାହିଁ, ୨୩ ବର୍ଷ ହେଲା ଚାଷୀଙ୍କୁ ବିହନ, ପାଣି, ସାର, କୀଟନାଶକ ପାଇଁ ସଂଘର୍ଷ କରିବାକୁ ପଡୁଛି। ଧାନ ହେଉକି କପା ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁନାହିଁ। ସରକାର ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିପାରିଲେନାହିଁ। ଓଲଟା ଦେଓଗାଁ ବିଜୟାନନ୍ଦ ଚିନି କଳକୁ ଚକ୍ରାନ୍ତ କରି ବନ୍ଦ କରିଦେଲେ। କଂଗ୍ରେସ ସରକାର ଚାଷୀଙ୍କୁ ୮୦ ହଜାର କୋଟିର କୃଷିଋଣ ଛାଡ କରିଥିଲେ। ହେଲେ ଭାଜପା–ବିଜେଡି ସରକାର ପୁଞ୍ଜିପତିଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣମାଫ କରୁଛନ୍ତି ବୋଲି କହିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଲଘୁଚାପଜନିତ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ସହାୟତା ଦେଇନାହାନ୍ତି। ଆଜି ପର୍ଯ୍ୟନ୍ତ ଜିଲାରେ ସମସ୍ତ ମଣ୍ଡି ଖୋଲିନାହିଁ। ଚାଷୀ ଯେତିକି ଖର୍ଚ୍ଚ କରି ଚାଷ କରୁଛି ସେଠାରୁ ଢ଼େର କମ୍ ଟଙ୍କାର ଏମ୍ଏସ୍ପି ନିର୍ଦ୍ଧାରଣ କରାଯାଇଛି। ଏଭଳି କିଛିରେ ଚାଷୀ କ'ଣ ଲାଭ ପାଇବ ବୋଲି ପ୍ରଶ୍ନ କରିଥିଲେ। ଏଭଳିକି ଲୋୟର ସୁକ୍ତେଲ ପ୍ରକଳ୍ପରୁ ଗୋଟିଏ ଏକର ଜମିକୁ ଜଳସେଚନ ସୁବିଧା ନକରି ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ଆଗଭର ହେବାର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର

ଜିଲା କିଷାନ କଂଗ୍ରେସ ପକ୍ଷରୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଦାବିପତ୍ର ଗ୍ରହଣ କରିଥିଲେ। ସମାବେଶରେ ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ଯୁବ କଂଗ୍ରେସ ସଭାପତି ନାସିର ଖାନ, ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ଚାଷୀନେତା ଗଗନ ନାଥ ବକ୍ତବ୍ୟ ରଖି ସରକାରଙ୍କୁ ସମାଲୋଚନା କରିଥିଲେ। ୯ ଦଫା ଦାବିପତ୍ରରେ ଲଘୁଚାପ ପ୍ରଭାବିତ ଚାଷୀଙ୍କୁ ଏକର ପିଛା ୨୫ ହଜାର ଟଙ୍କା ତୁରନ୍ତ ପ୍ରଦାନ, କୃଷିଋଣ ସମ୍ପୂର୍ଣ୍ଣ ଛାଡ, ସ୍ୱାମୀନାଥନ କମିଶନ ରିପୋର୍ଟ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୧୬ ଟଙ୍କା କରାଯିବା, କପାର ସର୍ବନିମ୍ନ ସହାୟକ ମୂଲ୍ୟ ୧୦ହଜାର, ସମସ୍ତ ଧାନମଣ୍ଡି ଶୀଘ୍ର ଖୋଲିବା ଦାବି ରହିଛି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନୀ, ଉମାକାନ୍ତ ସାହୁ, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ସଞ୍ଜୟ ମିଶ୍ର, ମନମୋହନ ପଟେଲ, ଅରବିନ୍ଦ ସାହୁ, ରାମଜୀ ଚୌଧୁରୀ, ରାମ ମିଶ୍ର, କାନ୍ତେ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତିଷ ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ବାଲ ବୈଜ୍ଞାନିକ ମେଳା


ମନ୍ତ୍ରୀ ଟୁକୁନି ସାହୁ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ଟିଟିଲାଗଡ଼,୧୩।୧୨(ଶରତ ମିଶ୍ର)**

ଟିଟିଲାଗଡ ବାଳକ ହାଇସ୍କୁଲ ପରିସରରେ ଦ୍ୱିଦିବସୀୟ ବଲାଙ୍ଗୀର ଜିଲାସ୍ତରୀୟ ବାଲ ବୈଜ୍ଞାନିକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ତଥା କାର୍ଯ୍ୟକ୍ରମ ସଭାପତି ଧ୍ରୁବ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ମେଳାରେ ଜୀବନ ଧାରଣ ନେଇ ବିଜ୍ଞାନ ଏବଂ ବୈଷୟିକ ବିଦ୍ୟା ସନ୍ଦର୍ଭ ନେଇ ଜିଲାର ୧୪ ବ୍ଲକରୁ ମୋଟ ୬୮ଟି ପ୍ରକଳ୍ପ ସ୍ଥାନ ପାଇଛି। ଏନେଇ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା କହିଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ବ୍ଲକ ଅଧିକାରୀ ଟିଟିଲାଗଡ଼ ଆର୍ତ୍ତତ୍ରାଣ ରଥ, ବଙ୍ଗୋମୁଣ୍ଡା ବୈକୁଣ୍ଠ ନାଥ ଶବର, ରାଜେଶ ମିଶ୍ର, ମେଳାର କାର୍ଯ୍ୟକାରୀ ସମ୍ପାଦକ ପ୍ରବୀର ପଣ୍ଡା, ଜିଲା ବିଜ୍ଞାନ ନିରୀକ୍ଷକ ରାଜେଶ ମିଶ୍ର, ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡା ମଞ୍ଚାସୀନ ଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗୁଡଭେଲା ରୁଷିଆ ମେହେର, ବେଲପଡା ଅଭିନ ମିଶ୍ର, ଦେଓଗାଁ ମମତା ମହାନ୍ତିକ ପ୍ରମୁଖ ଉପସ୍ଥିତ ଥିଲେ। ବିକେପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ସଭା ପରିଚାଳନା ତଥା ଶିକ୍ଷୟିତ୍ରୀ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କଳାବ୍ୟାଜ ପରିଧାନ କରି ଅଗ୍ନିଶମ କର୍ମଚାରୀଙ୍କ ପ୍ରତିବାଦ

**ଲୋଇସିଂହା,୧୩।୧୨(ସୁଶାନ୍ତ ବାରିକ)**

ଦୁଇ ଦଫା ଦାବି ନେଇ ଅଗ୍ନିଶମ ସେବାସଂସ୍ଥାରେ ନିୟୋଜିତ ହାବିଲଦାର, ଫାୟାରମ୍ୟାନ୍, ଡ୍ରାଇଭର ଆଦି କର୍ମଚାରୀ ଦୀର୍ଘ ୬ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ହେଲେ ସେମାନଙ୍କ ଦାବି ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ଗତ ୧୧ ତାରିଖରୁ ସେମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ନିଶମ କାର୍ଯ୍ୟାଳୟ କର୍ମଚାରୀ ମଧ୍ୟ କଳାବ୍ୟାଜ ପରିଧାନ କରି ଡ୍ୟୁଟି କରୁଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଅଗ୍ନିଶମ ସେବା ସଂସ୍ଥାରେ ନିୟୋଜିତ ସମ୍ପୃକ୍ତ କର୍ମଚାରୀ ଦୁର୍ଘଟଣା ଠାରୁ ଆରମ୍ଭ କରି ଅଗ୍ନିକାଣ୍ଡ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ବିଭିନ୍ନ ଉଦ୍ଧାର କାମରେ ନିୟୋଜିତ ହୋଇଥାନ୍ତି। ପୋଲିସ ପରି ଜରୁରୀ ସେବାରେ ନିୟୋଜିତ ହେଉଥିଲେ ସୁଦ୍ଧା ଦରମା ଏବଂ ଭତ୍ତାରେ ଅସଙ୍ଗତି ରହିଛି। ପୋଲିସ ହାବିଦାରଙ୍କ ଦରମା ଓ ଭତ୍ତା ସହ ସମାନ କରିବା, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନହେବା ଯାଏ ଅନିର୍ଦ୍ଦିଷ୍ଟ କାଳ କଳାବ୍ୟାଜ ପରିଧାନ କରିବେ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୧୩।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଯାଇଛି। ଗତ ନଭେମ୍ବର ୨୯ ରୁ ଡିସେମ୍ବର ୧୩ ଯାଏ ଚାଲିଥିବା ବିଭିନ୍ନ ପ୍ରକାର କ୍ରୀଡା, ସାଂସ୍କୃତିକ, ସଚେତନତା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଉଦଯାପନୀ ଦିବସରେ ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି, ତୁରେକେଲା ବ୍ଲକ ଅଧ୍ୟକ୍ଷା ପୂଜା ବେହେରା, କଣ୍ଟାବାଞ୍ଜି ଏନଏସି ଉପାଧ୍ୟକ୍ଷା ମନୋରମା ରାଉତ, ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ, ତୁରେକେଲା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଦିଲୀପ କୁମାର ପଧାନ ମଞ୍ଚ ପରିଚାଳନା କରିଥିଲେ।

### ବିଡିଓଙ୍କୁ ଫେରାଦ ହେଲେ ଜିଆର୍ଏସ୍

**ଲୋଇସିଂହା,୧୩।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମ ପଞ୍ଚାୟତରେ ଉନ୍ନୟନ କାମରେ ଅନିୟମିତତା ହେଉଛି। ଏ ନେଇ ଅଭିଯୋଗ କଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଏହିଭଳି ଅଭିଯୋଗ ଆଣି ଗ୍ରାମ ରୋଜଗାର ସେବକ(ଜିଆର୍ଏସ୍) ସରୋଜ ସାହୁ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ଫେରାଦ ହୋଇଛନ୍ତି। ତାଙ୍କ ଅଭିଯୋଗ ହେଲା ପଞ୍ଚାୟତର କେତେକ ଗାଈ ଗୁହାଳ ହିତାଧିକାରୀଙ୍କ ସାମଗ୍ରୀ ବାବଦ ଟଙ୍କା ଭେଣ୍ଡରଠାରୁ ହିତାଧିକାରୀଙ୍କ ପାଖରେ ପହଞ୍ଚୁନାହିଁ। ଏପରିକି ବିନା କାମରେ ମୃତ୍ୟୁ ହୋଇ ଯାଇଥିବା ଜଣେ ହିତାଧିକାରୀଙ୍କ ସାମଗ୍ରୀ ବାବଦ ଟଙ୍କା ହଡପ କରାଯାଇଛି। ଲେବର ଡିମାଣ୍ଡ ପାଇଁ ମଧ୍ୟ କେସ ରେକର୍ଡ ଦିଆଯାଉନାହିଁ। ଫଳରେ ଅଡିଟ ସମୟରେ ରେକର୍ଡପତ୍ର ଦେଖାଇବାରେ ସମସ୍ୟା ହେଉଥିବା ସେ ଅଭିଯୋଗ କରିଛନ୍ତି। ଅନିୟମିତତା ନେଇ ସେ ସରପଞ୍ଚ ସରୋଜ ବେହେରାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଛନ୍ତି। ଅନିୟମିତତାରେ ସହଯୋଗ ନ କରିବାରୁ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦିଆଯାଉଥିବା ନେଇ ଜିଆରଏସ୍ ସାହୁ ବିଡିଓ ମେହେରଙ୍କୁ ଜଣାଇଛନ୍ତି। ସରପଞ୍ଚ ବେହେରା ତାଙ୍କ ବିରୋଧରେ ଜିଆରଏସ୍ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିଡିଓ ମେହେର କହିଛନ୍ତି ଉଭୟେ ପରସ୍ପର ବିରୋଧରେ ଅଭିଯୋଗ ପ୍ରତି ଅଭିଯୋଗ କରୁଛନ୍ତି। ଗୁରୁବାର ସେମାନଙ୍କୁ ଡାକି ଘଟଣାର ଅନୁସନ୍ଧାନ କରାଯିବ ବୋଲି କହିଥିଲେ।

# ପ୍ରଶିକ୍ଷଣ ନେଲେ ୭୫ ଗଜସାଥୀ


ଗଜସାଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ଦେଓଗାଁ,୧୩।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବନ ରେଞ୍ଜ ଅନ୍ତର୍ଗତ ସୁନାଆଡକି ନର୍ସରୀରେ ଗଜସାଥିଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ସଭାପତିତ୍ୱରେ ପ୍ରଶିକ୍ଷିକ ଭାବେ ଏସିଏଫ ଘନଶ୍ୟାମ ସାହୁ ଓ ସମ୍ମାନୀତ ଅତିଥି ଭାବେ ଟିଟିଲାଗଡ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି, ସଇଁତଳାର ସାଗରରାଜ ନାଏକ, କଣ୍ଟାବାଞ୍ଜିର ସିଦ୍ଧାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗଜସାଥିମାନେ କିଭଳି ଲୋକଙ୍କଠାରୁ ହାତୀଙ୍କୁ ସୁରକ୍ଷା ଯୋଗାଇ ଦେବେ ଓ ଜନ ସୁରକ୍ଷା ଗଜ ରକ୍ଷା ଯୋଜନାରେ ସାମୂହିକ ବା ବ୍ୟକ୍ତିଗତଭାବେ ସୌରବାଡ ଦେଲେ ଚାଷୀଙ୍କୁ ଥିବା ସବସିଡି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ହାତୀ ନଷ୍ଟ କଲେ ଧାନ ପାଇଁ ଏକର ପିଛା ୨୦ ହଜାର ଓ ଫସଲ ପାଇଁ ୨୫ ହଜାର, ଗାଈ ଓ ମହିଁଷି ମୃତାହତ ହେଲେ ୩୭ ହଜାର ୫ ଶହ, ବଳଦ ମୃତାହତ ୩୨ ହଜାର ଟଙ୍କା ସହାୟତା ରାଶିର ବ୍ୟବସ୍ଥା ରହିଥିବା ସୂଚନା ଦେଇଥିଲେ । ହାତୀ ଚାଷ ନଷ୍ଟ କଲେ ସରକାର ଅନୁକମ୍ପା, ମୋବାଇଲ ଆପ୍ ଦ୍ୱାରା ଦରଖାସ୍ତ କଲେ ତୁରନ୍ତ କ୍ଷତିଗ୍ରସ୍ତ ସହାୟତା ପାଇପାରିବେ ବୋଲି ଏସିଏଫ ସୂଚନା ଦେଇଥିଲେ। ଶିବିରରେ ଦେଓଗାଁ ଓ ଗୁଡଭେଲା ରେଞ୍ଜର ୭୫ ଜଣ ଗଜସାଥି ଯୋଗଦେଇଥିଲେ। ଏ ଅବସରରେ ଗଜସାଥୀମାନେ ବାଇକ ଯୋଗେ ବିଭିନ୍ନ ଗାଁ ପରିକ୍ରମା କରି ଲୋକଙ୍କୁ ହାତୀ ସୁରକ୍ଷା ଦିଗରେ ବାର୍ତ୍ତା ଦେଇଥିଲେ। ନରେନ୍ଦ୍ର ବିଶ୍ୱାଳ ଶିବିର ପରିଚାଳନା କରିଥିବାବେଳେ ରଜନୀକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଫରେଷ୍ଟର ବ୍ୟାସଦେବ ସାହୁ, ମଧୁସୂଦନ ଚାନ୍ଦ, ବିଘ୍ନରାଜ ପୋଢ ଫରେଷ୍ଟ ଗାର୍ଡ ସୁକାନ୍ତି ସରାଫ, ଝୁଲ୍ତା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ ।

# ଶିରୋଲ ଉନ୍ନତ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ମୁରିବାହାଲ,୧୩।୧୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ଉନ୍ନତ ବିଦ୍ୟାଳୟ ବାର୍ଷିକ କ୍ରୀଡା ବୁଧବାର ସମ୍ପନ୍ନ ହୋଇଛି। କ୍ରୀଡାରେ ୪୨୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ କ୍ରୀଡା ପତିଯୋଗିତାକୁ ଖେଳ ଶିକ୍ଷକ ମୋହନ ପ୍ରଧାନୀ କର ନେତୃତ୍ୱରେ ସୁଧାଂଶୁ ତାଣ୍ଡି, ସୁଶାନ୍ତ କୁମାର ନାଏକ, ଶ୍ୟାମସୁନ୍ଦର ପ୍ରଧାନ, ଗାୟତ୍ରୀ ତାଣ୍ଡି, ଝୁନୁରାଣୀ ନନ୍ଦ, ଅନୁପ୍ରିୟା ତାଣ୍ଡି, ମୋତିରାମ ମାଝି, ଜଗଦୀଶ ସୁନା ପରିଚାଳନା କରିଥିଲେ। ସରସ୍ୱତୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଯୋଗଦେଇ ମାନସିକ ବିକାଶରେ କ୍ରୀଡାର ବିକାଶ ହୋଇଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୀରା ସିଂ ମାଝି, ସାମାଜିକ କର୍ମୀ କେଦାର ବଡ଼ଜେନା, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସୁଧୀର କୁମାର ନାଗ, ଯୁଧିଷ୍ଠିର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଲିଲୁମୋହନ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।୨୨ଟି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ମାନପତ୍ର ଓ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା।

# ଜରାସିଂହା ଡିଗ୍ରୀ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ



ଛାତ୍ରୀମାନେ ଦଶାବତାର ନୃତ୍ୟ ପରିବେଷଣ କରୁଛନ୍ତି।

**ଦେଓଗାଁ,୧୩।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ପରିଚାଳନା କମିଟି ସଭାପତି କୁମାର ଷାଣ୍ଢ଼, ନୋଡାଲ ଅଧିକାରୀ ଜଗଦୀଶ ସିଂବାବୁ, ସରପଞ୍ଚ କୁଶମଣୀ ମେହେର, ଅଧ୍ୟାପକ ସୁରେଶ ଚନ୍ଦ୍ର ବାରିକ, ସଭ୍ୟ ହେମସାଗର ଭୋଇ, ଶୈଳେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ଛାତ୍ରୀ ସୁନୈନା ମେହେର, ଲିଲି ମେହେର, ସୁଚେତା ପୁଟେଲ, ବିନିତା ମେହେର, ରୋଜି ସିଂନିନା, ସୁଜାତା ତାଣ୍ଡିଆ ଓ ସିମରନ ସେଠଙ୍କ ଦ୍ୱାରା ଦଶାବତାର ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅଧ୍ୟାପିକା ବିନ୍ଦୁ ସାଗର ବେହେରା ଧନ୍ୟବାଦ ଦେଇଥିଲେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥର ଶୁଭାରମ୍ଭ

**ଦେଓଗାଁ,୧୩।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳ ପଡିଆରେ ବୁଧବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥର ଶୁଭାରମ୍ଭ ହୋଇଛି । ଜିପିଓ ସେନାପତି ମଙ୍ଗରାଜଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ନିନା ଛତ୍ରିଆ ଓ ସମ୍ମାନୀତ ଅତିଥିଭାବେ ଭାରତୀୟ କିଷାନ ସଂଘ ଜିଲା ସଭାପତି ଡ. ଶଶୀଭୂଷଣ ସାହୁ, ଏମ୍ପି ପ୍ରତିନିଧି ଅମିତ ସିଂନିନା, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ବାସୁଦେବ ସିଂନିନା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ବାହାରିଥିବା ଏହି ସଚେତନତା ରଥ ୧୩ଦିନ ଧରି ବ୍ଲକର ୨୬ଟି ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବ। ଲୋକେ ଯୋଜନାରେ କିଭଳି ସାମିଲ ହେବେ ସେ ଦିଗରେ ଏଲଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ସ୍ଥାନୀୟ ପିଇଓ ହେମନ୍ତ ବିଭାର ଧନ୍ୟବାଦ ଦେଇଥିଲେ। ସେହିପରି ଅପରାହ୍ନରେ ଜରାସିଂହା ପଞ୍ଚାୟତରେ ଇ.ଓ ବୀଣା ପଧାନଙ୍କ ସଭାପତିତ୍ୱରେ ସରପଞ୍ଚ କୁଶମଣି ମେହେର ରଥକୁ ସ୍ୱାଗତ କରିବା ପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କଲେଜ ହଷ୍ଟେଲ ନିର୍ମାଣ ପାଇଁ ଶିଳାନ୍ୟାସ

**କଣ୍ଟାବାଞ୍ଜି, ୧୩।୧୨(ଗୁରୁଦୟାଲ ହଂସ)**

କଣ୍ଟାବାଞ୍ଜି ମୁକୁନ୍ଦିଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୨ଟି ବାଳିକା ହଷ୍ଟେଲ ନିର୍ମାଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ୩କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ହଷ୍ଟେଲ ନିର୍ମାଣ ନେଇ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ଯୁକ୍ତ ୨ ବିଦ୍ୟାଳୟ ଅଧ୍ୟକ୍ଷା ରଞ୍ଜିତା ଗୁରୁ, ଯୁକ୍ତ ୩ ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ, ଅଧ୍ୟାପକ ଯୁଧିଷ୍ଠିର ବେହେରା, ଜିତେନ୍ଦ୍ର ସୁନା, ରାଜିବ କୁମାର ମେହେର, ସୋମନାଥ ମେହେର, ବିଧାୟକ ପ୍ରତିନିଧି କାର୍ତ୍ତିକ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ବାଳିକା ହଷ୍ଟେଲ ନିର୍ମାଣ ଶିଳାନ୍ୟାସ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

# ୯ ମାସ ଶିଶୁକନ୍ୟାର ଜନ୍ମରୁ ନାହିଁ ଖାଦ୍ୟନଳୀ

**ବଲାଙ୍ଗୀର,୧୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)**


ଝିଅ ସହ ସରୋଜ ସାହୁ ଓ ତାଙ୍କ ସ୍ତ୍ରୀ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବିନ୍ଧାପାଲି ଗାଁର ସରୋଜ ସାହୁଙ୍କ ଘରେ ପ୍ରାୟ ୯ ମାସ ତଳେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ଉକ୍ତ ଶିଶୁକନ୍ୟା ଆରତୀ (୯ମାସ)ଙ୍କ ଖାଦ୍ୟନଳୀ ନଥିବା ଜଣାପଡିବା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଏକ କୃତ୍ରିମ ଖାଦ୍ୟନଳୀ ଲଗାଯାଇ ତାଙ୍କ ଜୀବନ ବଞ୍ଚାଯାଇଥିଲା। ତେବେ କୃତ୍ରିମ ଖାଦ୍ୟନଳୀଟି ଶରୀର ବାହାରେ ଲଗାଯାଇଛି। ଶିଶୁକନ୍ୟାକୁ ବଞ୍ଚାଇବାକୁ ହେଲେ ଆଉ ଏକ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି ବୋଲି ଡାକ୍ତରମାନେ କହିଥିଲେ। ଶିଶୁକନ୍ୟାକୁ ୧୨ ମାସ ହେଲା ପରେ ଅସ୍ତ୍ରୋପଚାର କରାଯାଇ ଶରୀରରେ କୃତ୍ରିମ ଖାଦ୍ୟନଳୀକୁ ପ୍ରତିରୋପଣ କରାଯିବ। ତେବେ ଶରୀରରେ କୃତ୍ରିମ ଖାଦ୍ୟନଳୀ ପ୍ରତିରୋପଣ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଲଗାଯାଇଥିବା ଖାଦ୍ୟନଳୀକୁ ସଫା କରାଯିବ ଓ ପ୍ରତି ମାସରେ କଟକସ୍ଥିତ ଶିଶୁଭବନକୁ ଆସିବାକୁ ପଡ଼ିବ ବୋଲି ସେଠାକାର ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ତେବେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ସରୋଜ ନିଜ ଝିଅକୁ କଟକ ୬ ଥର ନେବା ପରେ ଅର୍ଥାଭାବରୁ ଆଉ ନେଇ ପାରି ନ ଥିଲେ। ଏହା ଜାଣିବା ପରେ ଆଗଲପୁର ମାହେଶ୍ୱରୀ ସଙ୍ଗଠନ ସ୍ୱେଚ୍ଛାସେବୀ ସନ୍ୟାସୀ ମେହେର ଓ ଅନ୍ୟ ସଦସ୍ୟ ସରୋଜଙ୍କ ଝିଅକୁ ବଲାଙ୍ଗୀର

## ଅସ୍ତ୍ରୋପଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆକୁଳ ନିବେଦନ କଲେ ଦମ୍ପତି

■ କଟକ, ବଲାଙ୍ଗୀର ଯାଇ ନୟାନ୍ତ ହେଲେଣି

ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଣି ଚିକିତ୍ସା କରାଉଛନ୍ତି। ଇତିମଧ୍ୟରେ ସରୋଜ ମଧ୍ୟ ବହୁ ଧାର ଉଧାର କରି ଋଣଗ୍ରସ୍ତ ବି ହୋଇଯାଇଛନ୍ତି। ଝିଅର ବିରଳ ଅସ୍ତ୍ରୋପଚାର ପାଇଁ ଆଉ ୩ ମାସ ସମୟ ରହିଛି। ଏଥିପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ଝିଅର ଚିକିତ୍ସା କରି ଏଇ ଦମ୍ପତି ସର୍ବସ୍ୱାନ୍ତ ହୋଇପଡିଛନ୍ତି। ଆଗକୁ ଚିକିତ୍ସା କରିବାକୁ ପାଖରେ ଅର୍ଥ ନାହିଁ। ଏଣୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଲୋଡିଛନ୍ତି ଏଇ ଗରିବ ଦମ୍ପତି। ଝିଅର ଅସ୍ତ୍ରୋପଚାର ପାଇଁ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ସାହୁ ଦମ୍ପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକୁଳ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଅର୍ଦ୍ଧଦଗ୍ଧ ଅବସ୍ଥାରେ ବୃଦ୍ଧା ଉଦ୍ଧାର

ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ): ରଗଡ଼ ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମ ମୁନସୀପଡ଼ାରୁ ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଜଣେ ବୃଦ୍ଧାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର ବସନ୍ତ ସାହୁ(୭୦)। ସେ ଘରେ ଏକାକୀ ରହନ୍ତି। ତାଙ୍କର କେହି ଆତ୍ମୀୟ ନାହାନ୍ତି। ତେବେ ସେ ରୋଷେଇ କରୁଥିବାବେଳେ ଘରେ ନିଆଁ ଲାଗି ଯାଇଥିଲା। ସେ ପୋଡ଼ି ଯାଇଥିଲେ। ବୃଦ୍ଧା ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିବା ସୂଚନା ପାଇ ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ତାଙ୍କ ପାଖକୁ ପହଞ୍ଚିଥିଲେ ଏବଂ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। ବୃଦ୍ଧା ଜଣକ ଭଲ ହେବା ପର୍ଯ୍ୟନ୍ତ ନିଷ୍ଠା ପରିବାର କାର୍ଯ୍ୟନିର୍ବାହ କରିବ ବୋଲି ଉପଦେଷ୍ଟା ତ୍ରିପାଠୀ କହିଛନ୍ତି।

### ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି

**ପାଇକମାଳ, ୧୩।୧୨(ବଡ ଶତପଥି):** ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦାଦଶ କୁମାର ପ୍ରଧାନ ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ଆସନ୍ତା ୨୨ ତାରିଖ ଶୁକ୍ରବାର ଉକ୍ତ ଉତ୍ସବ ପାଳନ କରିବା ପାଇଁ ସ୍ଥିରିକୃତ ହୋଇଛି। ଆସନ୍ତା ୧୭ତାରିଖ ଦିନ ୧୧ଟାରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଠକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ତେଣୁ ସମସ୍ତ ଆଲୁମିନି ସଭ୍ୟାସଭ୍ୟ ଯୋଗଦାନ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ବିନୋଦ କାଳିଆ, ପ୍ରଫୁଲ୍ଲ ପାଣିଗ୍ରାହୀ, କୁସୁମ ରାଓ, ବିନୋଦ କାଳିଆ, ସୁଶିଲ ଅଗ୍ରୱାଲ ତଥା ଅନ୍ୟାନ୍ୟ ସଭ୍ୟ ଯୋଗଦାନ କରିଥିଲେ ।

### ସରସ୍ୱତୀ ଶିଶୁ ମନ୍ଦିରର କ୍ରୀଡ଼ା ଉତ୍ସବ

**ଗାଇସିଲେଟ,୧୩।୧୨(ବେଦପ୍ରକାଶ କଲେତ୍):** ବରଗଡ଼ ଜିଲା ଗାଇସିଲେଟସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଗାଇସିଲେଟ ମଣ୍ଡଳର ଯୋଗ ଶିକ୍ଷକ ବ୍ୟାସଦେବ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ଏବଂ ଏଥିରେ ୫୨୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଟିଟସ୍ ମହାନନ୍ଦିଆ ମୁଖ୍ୟଅତିଥି, ବିଦ୍ୟାଳୟର ସଭାପତି ଦିବ୍ୟକିଶୋର ପଣ୍ଡା, ଉପସଭାପତି ପ୍ରଶାନ୍ତ ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରେମରାଜ ମଟାରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୁରୁମା ସରୋଜିନୀ ପଟେଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଚନ୍ଦନ ସାହୁ, ମୁକେଶ ପଟେଲ, ପ୍ରଭାସ କୁମାର ସାହୁ, ରାଜନ୍ଦିନୀ ନାଏକ, ଜ୍ୟୋତିର୍ମୟୀ ସାହୁ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଗୁରୁଜୀ ପ୍ରଦୀପ ବାଗ ବିବରଣୀ ପ୍ରଦାନ କରିଥିବାବେଳେ ବେଦବ୍ୟାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋଡ଼ଭଗାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

**ସରଣ୍ଡା,୧୩।୧୨(ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ ଅଫିସ ପରିସରରେ ବୁଧବାର ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ରାତ୍ର ଜଗୁଆଳି ଓ ଝାଡୁଦାର ସଂଘ ପକ୍ଷରୁ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲା ସଭାପତି ଧନଞ୍ଜୟ ପଟେଲ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ କୈଳାସ ଖୁଣ୍ଟିଲି, ଜିଲା ସଂଯୋଜକ ଶ୍ୟାମସୁନ୍ଦର ବରିହା, ଅତାବିରା ବ୍ଲକ ସଭାପତି ଶିବଭକ୍ତ ମେହେର, ସମ୍ପାଦକ ପ୍ରେମାନନ୍ଦ ସେଠ, ଉପସଭାପତି ଶତ୍ରୁଘ୍ନ ବଡ଼େଇ, ସୁନ୍ଦରମଣି ମହାପାତ୍ର ଯୋଗଦେଇଥିଲେ। ଦୀର୍ଘ ଦିନ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଓଡିଶା ସରକାରଙ୍କ ନିକଟରେ ଆଠ ଦଫା ଦାବି କରିଆସୁଛନ୍ତି। ଏହାର କୌଣସି ସମାଧାନ ନ କରି ସରକାର ଦିନ ଗଡାଇ ଚାଲିଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ରେଳ ବିଭାଗର ଉଚ୍ଛେଦ, ବେଘର ଗରିବ ପରିବାର

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**



ବନ୍ଧପଡ଼ାରେ ବୁଲ୍‌ଡୋଜର ଲଗାଇ ଘର ଭଙ୍ଗାଯାଉଛି ।



ଜିଲାପାଳଙ୍କ ଅଫିସ ଆଗରେ ପ୍ରଭାବିତ ଲୋକଙ୍କ ଧାରଣା ।

- ମାଟିରେ ମିଶିଲା ୧୫ଘର
- ଜିଲାପାଳ ଅଫିସରେ ଧାରଣା

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ.୧୩ ବନ୍ଧପଡ଼ାରେ ବୁଧବାର ରେଳ ବିଭାଗ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି। ଏଥିରେ ଗରିବ ଶ୍ରେଣୀର ଶତାଧିକ ପରିବାର ପ୍ରଭାବିତ ହେଉଛନ୍ତି। ବିନା ଥଇଥାନରେ ଉଚ୍ଛେଦକୁ ନେଇ ପ୍ରଭାବିତ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ଆଗ ଥଇଥାନ, ପରେ ଉଚ୍ଛେଦ ଦାବି ନେଇ ପ୍ରଭାବିତ ଲୋକେ ଘରଦ୍ୱାର ଛାଡ଼ି ଛୁଆ, ପିଲା ଧରି ସକାଳୁ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ। ଆଲୋଚନା ପାଇଁ ପ୍ରଶାସନର ଡାକରା ପାଇ ରେଳ ବିଭାଗର ୨ଅଧିକାରୀ ଜିଲାପାଳଙ୍କ ଅଫିସକୁ ପହଞ୍ଚିଥିଲେ। ସେମାନେ ଆବଦ୍ଧ କୋଠରୀରେ ଅତିରିକ୍ତ ଜିଲାପାଳଙ୍କ ସହିତ ଆଲୋଚନା କରୁଥିଲେ। ଅନ୍ୟପଟେ ବୋଲଡ଼ୋଜର ଲଗାଇ ଧାରଣାରତ ଲୋକଙ୍କ ଘରକୁ ଭାଙ୍ଗି ଦିଆଯାଇଥିଲା। ଏହା ଜାଣିବା ପରେ ଜିଲାପାଳ ଅଫିସ ଆଗରେ ଉତ୍ତେଜନା ଦେଖାଯାଇଥିଲା। ତେବେ ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିବା ଏବଂ ରେଳ ବିଭାଗ, ପ୍ରଶାସନ, ପ୍ରଭାବିତ ଲୋକଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ନେଇ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସୂଚନା ଦେଇଥିଲେ। ସେହିପରି ଉଚ୍ଛେଦରେ ପ୍ରଭାବିତ ପରିବାର ପାଇଁ ପୌରାଞ୍ଚଳ ମଧ୍ୟରେ ଜାଗା ଚିହ୍ନଟ ହୋଇ ସାରିଛି ଏବଂ ତାହା ସେମାନଙ୍କ ମଧ୍ୟରେ ଆବଣ୍ଟିତ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଲୁହା କହିଥିଲେ। ଏହାପରେ ଉତ୍ତେଜନା ଥମିଥିଲା ଏବଂ ଧାରଣାରୁ ଉଠି ପ୍ରଭାବିତ ଲୋକେ ଘରକୁ ଫେରିଥିଲେ। ତେବେ ସେତେବେଳକୁ ଉଚ୍ଛେଦରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଝାଟି, ମାଟି ଘର ଧୂଳିସାତ୍ ହୋଇ ସାରିଥିଲା। ଏହା ପରେ ପ୍ରଭାବିତ ଲୋକଙ୍କ ଦୁଃଖ ବଢ଼ି ଯାଇଛି । ଶୀତ, କାକରରେ ପିଲାଛୁଆଙ୍କୁ ଧରି କେଉଁଠି ରହିବେ, ସେମାନଙ୍କୁ ଏବେ ସେହି ଚିନ୍ତା ଘାରିଛି।

ପ୍ରକାଶ ଯେ, ବନ୍ଧପଡ଼ାରେ ରେଳ ବିଭାଗର ଜମି ରହିଛି। ସେଠାରେ ରେଳ ବିଭାଗ ବିଭାଗୀୟ କାର୍ଯ୍ୟାଳୟ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ସେଠାରେ ୫୦ବର୍ଷ ହେବ, ବନ୍ଧପଡ଼ା ବସ୍ତି ଗଢ଼ି ଉଠିଛି। କୁଲି, ମଜୁରିଆ, ଶ୍ରମିକ ଶ୍ରେଣୀର ଲୋକେ ଝାଟି, ମାଟି ଘର କରି ବଂଶାନୁକ୍ରମେ ସେଠାରେ ବସବାସ କରୁଛନ୍ତି। ପୌର ପରିଷଦକୁ ସେମାନେ ହୋଲଡ଼ିଂ ଟ୍ୟାକ୍ସ ଦେଇ ଆସୁଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ମଧ୍ୟ ମିଳି ସାରିଛି। କେବଳ ସେତିକି ନୁହେଁ, ସେହି ୱାର୍ଡ଼ର ବାସିନ୍ଦାଭାବେ ପଡ଼ାର ସାବାଳକ ଲୋକେ ନିର୍ବାଚନ ସମୟରେ ମତଦାନ କରି ଆସୁଥିବାବେଳେ ସେଠାକୁ ବିଦ୍ୟୁତ ସଂଯୋଗ ହୋଇଛି ଏବଂ ସେମାନେ ବିଦ୍ୟୁତ ବିଲ୍ ମଧ୍ୟ ପଇଠ କରି ଆସୁଛନ୍ତି। ଏହା ସତ୍ତ୍ୱେ ସେଠାରୁ ସେମାନଙ୍କୁ ଉଚ୍ଛେଦ ପାଇଁ ରେଳ ବିଭାଗ ନୋଟିସ୍ କରିବା ପରଠାରୁ ପଡ଼ାବାସୀଙ୍କ ଚିନ୍ତା ବଢ଼ି ଯାଇଛି। ଫଳରେ ଉଚ୍ଛେଦ ପୂର୍ବରୁ ଥଇଥାନ କରିବା ପାଇଁ ସେମାନେ ବାରମ୍ବାର ଜିଲା ପ୍ରଶାସନକୁ ଫେରାଦ ହୋଇ ଆସୁଥିଲେ।

କିନ୍ତୁ ବିନା ଥଇଥାନରେ ବୁଧବାର ସକାଳୁ ରେଳ ବିଭାଗ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଫୋର୍ସ ବୋଲଡୋଜର ଧରି ବନ୍ଧପଡ଼ାକୁ ପହଞ୍ଚି ଯାଇଥିଲେ। ସେ ନେଇ ଆଗୁଆ ସୂଚନା ପାଇ ପଡ଼ାର ଅଧିକାଂଶ ଲୋକେ ଘରେ ତାଲା ପକାଇ ପିଲାଛୁଆ ଧରି ଜିଲାପାଳଙ୍କ ଅଫିସକୁ ଆସି ଧାରଣାରେ ବସିଥିଲେ। ଅନ୍ୟପଟେ ଯେଉଁକିଛି ପଡ଼ାବାସୀ ପଡ଼ାରେ ଉପସ୍ଥିତ ଥିଲେ, ସେମାନଙ୍କୁ ଘର ଖାଲି କରିବାକୁ ବିଭାଗୀୟ ଅଧିକାରୀମାନେ କହିଥିଲେ। ତେବେ ଘର ଖାଲି ନ କରୁଣୁ ଗୋଟିଏ ପରେ ଗୋଟିଏ ଘରକୁ ବୋଲଡୋଜର ମାଡ଼ି ବସିଥିଲା ଏବଂ ଏହା ଜାଣିବା ପରେ ଉତ୍ତେଜନା ଆହୁରି ବଢ଼ିଥିଲା। ତେବେ ମଙ୍ଗଳବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ରେଳ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଏକ ଚିଠି ଲେଖି ପ୍ରଭାବିତ ପରିବାରଙ୍କୁ ଥଇଥାନ ପାଇଁ ପଦକ୍ଷେପ ନିଆଯାଉ ଥିବା ଯୋଗୁ ଆଉ କିଛିଦିନ ସମୟ ଦେବାକୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ରେଳ ବିଭାଗ ଉଚ୍ଛେଦ ଆରମ୍ଭ କରିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେହିପରି କୋଶଳ ମଜଦୁର ସଂଘର ସଭାପତି ନନ୍ଦନ ମହାନନ୍ଦ ଏବଂ ଅନ୍ୟ କର୍ମୀମାନେ ଧାରଣାସ୍ଥଳକୁ ପହଞ୍ଚି ବିନା ଥଇଥାନରେ ଉଚ୍ଛେଦ କରାଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

### ଅଞ୍ଚଳ ମହାବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା

**ପଦ୍ମପୁର, ୧୩।୧୨(ପ୍ରଦୀପ୍ତ ଦାଶ)**

ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ ନୂଆ-ଓ, ଯୁବ ଓଡ଼ିଶା- ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା ଅଧକ୍ଷ ଲଳିତମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ଛାତ୍ରୀଛାତ୍ରଙ୍କ ଦୌଡ଼, ସର୍ଟ ପୁଟ, ଡିକ୍ସସ ଥ୍ରୋ, ଜେବଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ଅତିଥି ପରିଚୟ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ବହିଦାର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାର ନୋଡାଲ ଅଫିସର ନବକୃଷ୍ଣ ମିଶ୍ର, ଉପସଭାପତି ସଦାନନ୍ଦ ଭୋଇ ସଂଯୋଜନା କରିଥିଲେ। ସଭା ଶେଷରେ ଡ. ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରମଣି ସାହୁ, ଜଗନ୍ନାଥ ସାହୁ, ହରେକୃଷ୍ଣ ବେହେରା, କ୍ଷିରୋଦ୍ର ଦାସ, ଅଶୋକ ସାହୁ ଏବଂ ରାମକୃଷ୍ଣ ବାରିକ ପ୍ରମୁଖ ଖେଳ ଶିକ୍ଷକ ସହଯୋଗ କରିଥିଲେ। ଡ଼ ତୁଷାରକାନ୍ତ ସାହୁ, ପ୍ରମୋଦ ତ୍ରିପାଠୀ, ସନ୍ତୋଷ ମିଶ୍ର, ପ୍ରଭାତ ମହାପାତ୍ର, ସହ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ୧୧ ସମ୍ବଲପୁରୀ ପୁସ୍ତକ ଉନ୍ମୋଚିତ



ସମ୍ବଲପୁରୀ ପୁସ୍ତକକୁ ଅତିଥିବୃନ୍ଦ ଉନ୍ମୋଚନ କରୁଛନ୍ତି ।

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ସାହିତ୍ୟ ଅନୁଷ୍ଠାନ କବି କୁରୁମ୍ ଆନୁକୂଲ୍ୟରେ ସମ୍ବଲପୁରୀ ବହି ମହାମୁକୁଲାନ୍ ଉଚ୍ଛବ୍ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୧୧ଟି ସମ୍ବଲପୁରୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାହିତ୍ୟ ସଙ୍ଗଠକ ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଲଧର ନାଗ, ନାଟ୍ୟକାର କେଶରଞ୍ଜନ ପ୍ରଧାନ ଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଲଧର ନାଗଙ୍କ ଲକ୍ଷ୍ମୀ ପୁରାନ, ମାହେଶ୍ୱରୀ ପୁରାନ୍ ଓ ହୁରୁଦ୍, କ୍ରାନ୍ତିକବି ହରିଲାଲ ସାହୁଙ୍କ ବାଘ ଅଁପରା, ଅଧିକାରୀ ସାଙ୍କ ସତର୍ ପଶୁ, ସୁରେଶ ଚନ୍ଦ୍ର ଭୋଇଙ୍କ ଗେଲଠି ଗିନା, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀଙ୍କ ହାତୁଁ ହାତ୍‌କେ, ରାମ ପ୍ରସାଦ ବାଗଙ୍କ ଭାବର୍ ବନ୍ଧନ୍, ଦାମୋଦର ସାହୁଙ୍କ ଚାଖି ଚାହାନୀ, ଶିବଶଙ୍କର ପୂଜାରୀଙ୍କ ଗୁଛାର୍ ଛଏଁରା, ମନୋହର ସାଂସ୍କୃତିକ ସଂସଦର ଷାଣ୍ମାସିକ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମନୋହର୍ ୨୦୨୩ର ତିହାରୀ ସଂଖ୍ୟା ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। କବି ଅଶୋକ କୁମାର ପୂଜାରୀ, ଅଧ୍ୟାପକ ସୁକୁମାର ଭୋଇ, ସୁଶାନ୍ତ କୁମାର ମିଶ୍ର, ପ୍ରକାଶ ସେଠ, ରାମଚନ୍ଦ୍ର ସାହୁ, ମୋହନ ସାହୁ, ମାନଭଞ୍ଜନ ପାଣିଗ୍ରାହୀ, ଶେଷନ ବିଶି, ନାରାୟଣ ଭୋଇ, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ସମୀକ୍ଷକଭାବେ ଯୋଗଦାନ କରିଥିଲେ ।

କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ସିନେ ଅଭିନେତା ପ୍ରଦୀପ ଦେବତା ପ୍ରମୁଖ ଯୋଗଦାନ କରିଥିଲେ। ରକ୍ଷାକାରୀ ବିଶି, ନିର୍ମଳ ଦେହେରୀ, ବିରବଲ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ସମ୍ବଲପୁରୀ କବି ପରମେଶ୍ୱର ବାଗଙ୍କ ସମେତ ବିଭିନ୍ନ ଅନୁଷ୍ଠାନକୁସମ୍ବର୍ଦ୍ଧିତକରାଯାଇଥିଲା।ଲଳିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ଭାଜପାର ଜିଲା କାର୍ଯ୍ୟାଳୟରେ ବୁଧବାର ଦଳର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱ ଏବଂ ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ମୁଖ୍ୟଅତିଥିଭାବେ ଯୋଗଦେଇ ବୁଥ୍‌ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ସେହିପରି ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଲୋକଙ୍କୁ ଅବଗତ କରିବାକୁ ସେ ପରାମର୍ଶ ଦେଇଥିଲେ। ଦଳ ତରଫରୁ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନ ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥି, ଡା. ଅରୂପାନନ୍ଦ ସାହୁ, ମିଳନ ସେଟ୍, ମୁକ୍ତା ସାହୁ, ସନତ ଗଡ଼ତୀୟା, ଗୋବର୍ଦ୍ଧନ ଭୋଇ, ରଞ୍ଜନ ସେଠ, ପ୍ରବୀଣ ପାଣିଗ୍ରାହୀ, ସୁବ୍ରତ ହୋତା, ଅକ୍ରୁର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିଷ୍ଣା ବିକାଶ ଛାତ୍ରଙ୍କ ସଫଳତା

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଦକ୍ଷେଶ ମିଶ୍ର ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ପ୍ରତିଭା ଚିହ୍ନଟ ପାଇଁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଦକ୍ଷେଶ ରାଜ୍ୟର ଶୀର୍ଷ ୨୦ଜଣଙ୍କ ମଧ୍ୟରେ ରହି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି ବୋଲି କ୍ରିଷ୍ଣା ବିକାଶ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି। କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ କୃତୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା




କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କ ସହ ଅତିଥି।

**ପାଇକମାଳ, ୧୩।୧୨(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ବିନ୍ଧ୍ୟାବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ମିଲେଟ ମିଶନ ତରଫରୁ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲା ସଂଯୋଜକ ସବ୍ୟସାଚୀ ହନୁମାନ, କୃଷି ଅଧିକାରୀ ସୋମନାଥ ମହାପାତ୍ର, ବିନ୍ଧ୍ୟାବାସିନୀ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ୟାମଲାଲ ପ୍ରଧାନ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ କ୍ଷୁଦ୍ର ଶସ୍ୟ ଚାଷ ଓ ତାହାର ପୌଷ୍ଟିକ ମୂଲ୍ୟବୋଧ ଜଣାଇ ବର୍ତ୍ତମାନ ସମୟରେ ପୋଷଣର ଅଭାବ ଦେଖାଯାଉଛି। ବର୍ତ୍ତମାନ ସମୟରେ ସୁସ୍ଥ ଓ ନିରାକରଣ ରହିବାକୁ ହେଲେ ପୃଷ୍ଟିଯୁକ୍ତ ଖାଦ୍ୟ ଖାଇବା ନିତାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ୮୫ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ ଜୟା ପଟେଲ, ଦ୍ୱିତୀୟ ପ୍ରମୋଦିନି ପ୍ରଧାନ, ତୃତୀୟ ରୋଜି ସାଙ୍କୁ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅହିଂସା କ୍ଲବ ତରଫରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆ ଚା, ଲଡୁ ଖାଇବା ପାଇଁ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପାଇକମାଳ ବ୍ଲକ ସଂଯୋଜକ ରାକେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୫ଦଫା ଦାବିରେ ଅମ୍ବାଭୋନାରେ ଡାକ ସେବକଙ୍କ ଧର୍ମଘଟ

**ଅମ୍ବାଭୋନା,୧୩।୧୨ (ଛନ୍ଦାଚରଣ ପ୍ରଧାନ)**




ଡାକସେବକମାନେ ଉପଡାକଘର ସମ୍ମୁଖରେ ଧାରଣା ଦେଇଛନ୍ତି।

ଅଖିଳ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘର ଆହ୍ୱାନକ୍ରମେ ବୁଧବାରରୁ ଡାକ ସେବକମାନେ ଧର୍ମଘଟକୁ ଓହ୍ଲାଇଛନ୍ତି। ଏହି କ୍ରମରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ସମେତ ଅନ୍ୟ ଉପ ଡାକଘରରେ କାର୍ଯ୍ୟରତ ଡାକ ସେବକମାନେ ଧର୍ମଘଟ କରିଥିଲେ। ୫ଦଫା ଦାବିରେ ସେମାନେ ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗ୍ରାମୀଣ ଡାକସେବକଙ୍କ କାର୍ଯ୍ୟ ନିର୍ଘଣ୍ଟ ଦୈନିକ ୮ଘଣ୍ଟା ରଖାଯିବା, ପ୍ରତି ୧୨ବର୍ଷରେ ଆର୍ଥିକ ପଦୋନ୍ନତି ପାଇଁ ସୁପାରିଶକୁ ଲାଗୁ, ସମସ୍ତ ଗ୍ରାମୀଣ ଡାକ ସେବକଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟବୀମା ପ୍ରଦାନ, ଗ୍ରାମୀଣ ଡାକସେବକଙ୍କୁ ପେନସନ ପ୍ରଦାନ ଆଦି ଦାବି ରହିଛି। ସୁକାନ୍ତୀ ପ୍ରଧାନ, ରାଜକୁମାର ବୈଗା, ବିଶ୍ୱଜିତ କୁମ୍ଭା, ଆଶିଷ କୁମାର ଲୁହା ପ୍ରମୁଖ ଧର୍ମଘଟରେ ସାମିଲ ଅଛନ୍ତି ।

## ଜିଲାପାଳଙ୍କୁ ଆପ୍ ପ୍ରତିନିଧି ଦଳର ଫେରାଦ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ଅଭିଯୋଗ କରି ବୁଧବାର ଆମ ଆଦମୀ ପାର୍ଟି (ଆପ୍)ର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସ୍ମାରକପତ୍ର ଗ୍ରହଣ କରିଥିଲେ। ସହରର ବିଭିନ୍ନ ସ୍ଥାନରେ କୁଡ଼କୁଡ଼ ମଇଲା, ଆବର୍ଜନା ପଡ଼ି ରହିଥିବାବେଳେ ଦୁର୍ଗନ୍ଧ ଯୋଗୁ ଲୋକଙ୍କୁ ଅଣନିଃଶ୍ୱାସୀ ହେବାକୁ ପଡୁଛି। ସେହିପରି ସଂକ୍ରାମକ ରୋଗର ଆଶଙ୍କା ରହିଛି। ଆଗକୁ ଧନୁଯାତ୍ରା ଆସୁଥିବା ଯୋଗୁ ସହରରେ ପରିମଳ ବ୍ୟବସ୍ଥାର ସୁଧାର ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଆପ୍ ଦାବିକରିଛି। ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ମେରିୟମ ବାର୍ଲା, ସ୍ୱରୂପ ଭୋଇ, ଅସୀତ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ଆପ୍ ପ୍ରତିନିଧିବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ଫସଲ କ୍ଷୟକ୍ଷତିର ଆବେଦନ ସମୟ ସୀମା ବୃଦ୍ଧି କରାଯାଉ

**ବରପାଲି, ୧୩।୧୨(ଚିତ୍ତରଞ୍ଜନ ସାହୁ)**

ଲଘୁଚାପଜନିତ ଫସଲ କ୍ଷୟକ୍ଷତିର ଆବେଦନ ସମୟ ମାତ୍ର ୭୨ ଘଣ୍ଟା ରଖିଥିବାରୁ ଅନେକ ଚାଷୀ ଆବେଦନରୁ ବଞ୍ଚିତ ଅଛନ୍ତି। ଏହି ସମୟ ସୀମା ବୃଦ୍ଧି କରିବା ପାଇଁ ଭାଜପା ପକ୍ଷରୁ ବରପାଲି ତହସିଲଦାରଙ୍କ ମାଧମରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଦିନିଆ ବର୍ଷା ରେ ବ୍ୟାପକ ଫସଲହାନୀ ହୋଇଛି। ଚାଷୀ କ୍ଷେତ ଖଳାରେ ଧାନକୁ ସୁରକ୍ଷା ଦେବାରେ ବ୍ୟସ୍ତ ଥିବା ଯୋଗୁ ସେମାନେ କ୍ଷୟକ୍ଷତି ପାଇଁ ଆବେଦନ କରିପାରି ନାହାଁନ୍ତି। ଏଣୁ କରି ଏହି ଆବେଦନପତ୍ର ଗ୍ରହଣ କରିବା ସମୟ ସୀମାକୁ ବୃଦ୍ଧି କରିବା ସହ ତୁରନ୍ତ ଇନପୁଟ ସବ୍‌ସିଡି ତଥା ଫସଲ ବୀମା ରାଶି ଚାଷୀଙ୍କୁ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ବିଜେପୁର ନିର୍ବାଚନ ମଣ୍ଡଳୀ ଭାଜପା ସଙ୍ଗଠକ ସୁରେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନବେଳେ ବରପାଲି ନଗରମଣ୍ଡଳ ସଭାପତି ପଦ୍ମଲୋଚନ ସାହୁ, କୃଷକମୋର୍ଚ୍ଚା ସଭାପତି କୃଷ୍ଣ ଥଇତ, ବାଗବାଡ଼ି ଜୋନ ଜିଲା ପରିଷଦ ପ୍ରାର୍ଥୀ ସଂଗ୍ରାମ ବାରିକ, କୁମ୍ଭାରୀ ଜୋନ ଜିଲା ପରିଷଦ ନୋମିନି ଦୁର୍ଯ୍ୟୋଧନ ସାହୁ, ଭାଜପା ସଦସ୍ୟ ଦିଲ୍ଲୀପ ଦାଶ, ନିକାନ୍ତ ସାହୁ, ରମେଶ ମାଝି, ଗୁଣ ପଧାନଙ୍କ ସମେତ ବହୁ ଭାଜପା ସଦସ୍ୟ ସହିତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।




ବରପାଲି ତହସିଲଦାରଙ୍କୁ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଫାଶ ଲଗାଇ ଯୁବକ ମୃତ

**ରାଉରକେଲା, ୧୩।୧୨ (ଦିନେଶ ମିଶ୍ର):** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗାନ୍ଧିରୋଡ ଅଞ୍ଚଳରେ ଜଣେ ଯୁବକ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ପରବିନ୍ଦର ସିଂ(୪୦)। ସୂଚନାଯୋଗ୍ୟ ଗାନ୍ଧିରୋଡ ବସ୍ତିରେ ପରବିନ୍ଦର ପରିବାର ସହ ବାସ କରନ୍ତି। ସେ ଏକ ଘରୋଇ ହୋଟେଲରେ ରୋଷୟା ଭାବେ କାମ କରି ନିଜର ପରିବାର ଭରଣପୋଷଣ କରୁଥିଲେ। ବୁଧବାର ପୂର୍ବାହ୍ନ ୧ଟାବେଳେ ଘରେ କେହି ନ ଥିବାବେଳେ ଏକ ପଙ୍ଖାରେ ଚୂନି ବାନ୍ଧି ଝୁଲିଯାଇଥିଲେ। ଏହି ଦୃଶ୍ୟ ପଡିଶାଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଆରଜିଏଚ ମର୍ଗ ହାଉସ୍‌ରେ ରଖିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡ଼ା, ୧୩।୧୨ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ୧୪୩ ନମ୍ବର ଜାତୀୟ ରାଜପଥ କୁଚେଇତା ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୩ ଟାରେ ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶିପାଲି ଗ୍ରାମର କେତନ ପାତ୍ର(୨୨)। ପୋଲିସ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି। କେତନ ଅପରାହ୍ନ ୩ଟାରେ ବାଇକ୍ ଯୋଗେ ରାଉରକେଲା ପଟୁ ନିଜ ଘର ନରେନ୍ଦ୍ର ବିଶିପାଲିକୁ ଆସୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା।



ରାସ୍ତା ନିର୍ମାଣକୁ ବିରୋଧ କରାଯାଉଛି।

# ଆର୍‌ଆଇ ଅଫିସ ରାସ୍ତା ନିର୍ମାଣକୁ ବିରୋଧ

**ରାଉରକେଲା, ୧୩।୧୨ (ସଙ୍ଗୀତା ଜେନା)**

ଝିର୍‌ପାଣି ଥାନା ଅନ୍ତର୍ଗତ ଜଗଦା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣକୁ ବୁଧବାର ବିରୋଧ କରିଥିଲେ ସ୍ଥାନୀୟ କିଛି ଲୋକ। ଦୀର୍ଘ ଦିନରୁ ଏହା ନିଜସ୍ୱ ଜମି ଦର୍ଶାଇ ଏଠାରେ ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ବିରୋଧ କରୁଥିବା ଲୋକମାନେ କହିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ରା ବ୍ଲକ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ପୁରୁଷୋତ୍ତମ ନାଏକ, ଡିଏସ୍‌ପି ଜୋନ୍-୧ ପୁଷ୍ପାରାଣୀ ନିନ୍‌ଗୀଙ୍କ ନେତୃତ୍ୱରେ ଝିରପାଣି ଥାନା ପୋଲିସ ଅଧିକାରୀ ରବୀନ୍ଦ୍ର ସାହୁ, ମନୋହର ପ୍ରଧାନ ଓ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଉତ୍ତେଜନା ଆୟତ୍ତ କରିଥିଲେ। ଉକ୍ତ ମାମଲାରେ ବିରୋଧକାରିଣୀ ଜୀବନଜ୍ୟୋତି ମିଞ୍ଜ ଓ ଅନ୍ୟମାନଙ୍କ ବିରୋଧରେ ବିଶ୍ରା ତହସିଲ ପକ୍ଷରୁ ମାମଲା( ନଂ. ୧୨୬/୨୩) ରୁଜୁ ହୋଇଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ନିର୍ମାଣ କରୁଥିବା ଠିକାଦାରଙ୍କୁ ପାଚେରୀ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାଯୋଗ୍ୟ, ଜଗଦା ପେଟ୍ରୋଲ ପମ୍ପ ନିକଟରେ ମେନ୍ ରୋଡ଼ ପାର୍ଶ୍ୱରେ ଥିବା ୧ ଏକର ୩୦ ଡେସିମିଲ ଜମିକୁ ପ୍ରାୟ ୨ବର୍ଷ ପୂର୍ବେ ଜବରଦଖଲକାରୀଙ୍କ କବଜାରୁ ଉଚ୍ଛେଦ କରି ଜଗଦା ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଶ୍ରା ବ୍ଲକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତରେ ପହଞ୍ଚିଥିବା ବେଳେ ଆର୍‌ଆଇ କୋଠା ବା କାର୍ଯ୍ୟାଳୟକୁ ସଂଯୋଗ କରିବାକୁ ଥିବା ପ୍ରାୟ ୬୦ ମିଟର ରାସ୍ତା ନିର୍ମାଣ କରାଯାଉଥିଲା। ଏଥିରେ ମହିଳା ଏକ ଅସ୍ଥାୟୀ ଟେଣ୍ଟ ତିଆରି କରି ରହୁଥିଲେ। ବୁଧବାର ସକାଳେ ନିର୍ମାଣ କାର୍ଯ୍ୟକୁ ବିରୋଧ କରାଯାଇଥିଲା।

# ସହରରେ ବଢୁଛି କଣ୍ଟା ବେପାର

**ରାଉରକେଲା, ୧୩।୧୨ (ସଙ୍ଗୀତା ଜେନା)**

ସହରରେ ଚୋରି ବୃଦ୍ଧି ସାଙ୍ଗକୁ କଣ୍ଟା ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ବାଇକ୍, ଲୁହା ଆଦି ସାମଗ୍ରୀ ଚୋରି ଅତି ସାଧାରଣ ହୋଇଥିବାବେଳେ ସହର ସୌନ୍ଦର୍ଯ୍ୟକରଣରେ ବ୍ୟବହୃତ ସାମଗ୍ରୀ ମଧ୍ୟ ଚୋରିରୁ ବାଦ୍ ପଡୁନି। ପ୍ରାୟ ୨ଦିନ ପୂର୍ବେ ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ଡିଏଭି ଛକରୁ ଗଡ଼ିଆଟୋଲା ଛକ ମଧ୍ୟରେ ଥିବା ରାଉରକେଲା ମହାନଗର ନିଗମର ର ୩ଟି ବିଜୁଳି ଖୁଣ୍ଟ କେହି ଦୁର୍ବୃତ୍ତ କାଟି ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ କର୍ତ୍ତୃପକ୍ଷ। ପୋଲିସ ମାମଲା ଏକ ମାମଲା (ନଂ.୪୫୨/୨୩) ରୁଜୁ କରି ତଦନ୍ତ କରୁଥିଲା। ବୁଧବାର ଏହାର ତଦନ୍ତ କରି ପୋଲିସ ଓ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ମିଳିତ ଭାବେ ଏଫ୍‌ସିଆଇ

**ଆର୍‌ଏମ୍‌ସି ବିଜୁଳି ଖୁଣ୍ଟି କାଟି ନେଲେ ଦୁର୍ବୃତ୍ତ**

ବସ୍ତିରେ ଥିବା ଏକ କଣ୍ଟାରୁ ଉକ୍ତ ଚୋରି ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଥିଲେ। ହେଲେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିଲେ। ଉକ୍ତ ଫେରାର ଅଭିଯୁକ୍ତଙ୍କ ବେଆଇନ କଣ୍ଟା ଦୋକାନକୁ ଆର୍‌ଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଆଗାମୀ ଦିନରେ ସହର ସୌନ୍ଦର୍ଯ୍ୟକରଣ ସାମଗ୍ରୀ ଚୋରି ହେଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ରିଂରୋଡ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟ, ସୌନ୍ଦର୍ଯ୍ୟକରଣ ପ୍ରତିକୃତୀଗୁଡ଼ିକ ଅନେକ ମାତ୍ରାରେ ଚୋରି ହୋଇଯାଉଛି। ଏପରିକି ନାମଫଳକ ଚୋରି ହେଉଛି। ଯାହାକି ପ୍ରଶାସନର ଚିନ୍ତା ବଢାଉଛି।



ଚୋରି ସାମଗ୍ରୀ ଜବତ ହୋଇଥିବା କଣ୍ଟା ଦୋକାନକୁ ଉଚ୍ଛେଦ କରାଯାଇଛି।

# କଲ୍ୟାଣୀ ରାୟ କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ରାଉରକେଲା, ୧୩।୧୨ (ସଙ୍ଗୀତା ଜେନା)**

ହମିରପୁରସ୍ଥିତ କଲ୍ୟାଣୀ ରାୟ କଲେଜରେ ଦ୍ୱିଦିବସୀୟ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଉପଅଧିନାୟକ ବିରେନ୍ଦ୍ର ଲାକ୍ରା ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଏହା ଦ୍ୱାରା ଶାରୀରିକ ଓ ମାନସିକ ବିକାଶ ବୃଦ୍ଧି ହେବା ସହ ଭବିଷ୍ୟତରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ସୁନାମ ଅର୍ଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଲାକ୍ରା କହିଥିଲେ। କଲେଜର ଅଧ୍ୟକ୍ଷ ତଥା ପରିଚାଳନା କମିଟିର ସମ୍ପାଦକ କମଳାକାନ୍ତ ଦାସଙ୍କ ସଭାପତିତ୍ୱରେ ଭାରତୀୟ କନିଷ୍ଠ ହକି ଦଳର ଖେଳାଳି ଶୈଳେନ୍ଦ୍ର ଲାକ୍ରା, ଅଧ୍ୟାପିକା ତଥା ସାଂସ୍କୃତିକ ପରିଷଦର ଉପସଭାପତି ସରିତା ମଲ୍ଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୧୬୯ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଶ୍ରୀମତୀ କମ୍ ନୁହଁନ୍ତି' ଓ ଅନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରୀତିକୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରଙ୍ଗାରଙ୍ଗ ଫ୍ୟାଶନ୍ ସୋ ଓ ଅର୍କେଷ୍ଟ୍ରା ଆୟୋଜନ କରାଯାଇଥିଲା। ମୀନତି ଦୀପ, ସୁଜାତା କିଣ୍ଡୋ, ପ୍ରତିଭା ଅଧିକାରୀ, ଅଭିରାମ ସାଗରିଆ, ସୁଜାତା ପାଢ଼ୀ, ଭାଗ୍ୟଶ୍ରୀ ବାରିକ, ହରିଶଙ୍କର ମିଶ୍ର, କିରଣବାଳା ସ୍ୱାଇଁ, ଅରକ୍ଷିତ ସାହାଣୀ, ବ୍ରଜେନ୍ଦ୍ର କର, ମଧୁଲିକା ମାନସିଂହ, କାନନ କର ଚୌଧୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପୂର୍ବତନ ଭାରତୀୟ ହକି ଉପଅଧିନାୟକ ବିରେନ୍ଦ୍ର ଲାକ୍ରା ଓ ଅନ୍ୟମାନେ ଉପସ୍ଥିତ।

# ପାଉଁରୁଟି କମ୍ପାନୀ ଗାଡି ଚାଳକଙ୍କୁ ମାଡ଼

**ରାଉରକେଲା, ୧୩।୧୨ (ସଙ୍ଗୀତା ଜେନା)**

**ଉଭୟ ପକ୍ଷରୁ ଥାନାରେ ମାମଲା**

ଝିରପାଣି ଥାନା ଅନ୍ତର୍ଗତ କୋଏଲନଗରରେ ଥିବା ଏକ ପାଉଁରୁଟି କମ୍ପାନୀରେ କାର୍ଯ୍ୟରତ ଗାଡ଼ି ଚାଳକଙ୍କୁ ସେଠାରେ କାମ କରୁଥିବା ସେଲ୍‌ସମ୍ୟାନ ନିସ୍ତୁକ ମାଡ଼ ମାରିବା ଓ ଛୁରୀରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ, ଉକ୍ତ ସେଲ୍‌ସମ୍ୟାନ ଓ କମ୍ପାନୀ ମ୍ୟାନେଜର ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, କୋଏଲନଗର ସି ବ୍ଲକରେ ଥିବା ଏକ ପ୍ରତିଷ୍ଠିତ ପାଉଁରୁଟି ଗୋଦାମରେ କମ୍ପାନୀ ଗାଡ଼ି ଚଳାଉଥିବା ଜଣେ ଚାଳକଙ୍କୁ ବୁଧବାର ସକାଳେ କୌଣସି କଥାକୁ କେନ୍ଦ୍ର କରି ସେଠାରେ କାମ କରୁଥିବା ଜଣେ ସେଲ୍‌ସମ୍ୟାନ ମାଡ଼ିପିଟ୍ କରିବା ସହ ଛୁରୀରେ କୁଆଡେ ଆକ୍ରମଣ କରିଥିଲେ। କମ୍ପାନୀ ମ୍ୟାନେଜର ଉକ୍ତ ଘଟଣାକୁ ସମାଧାନ ନ କରି ସେଲସମ୍ୟାନ ସପକ୍ଷରେ ରହିଥିଲେ। ପରେ ଅତିଷ୍ଠ ହୋଇ ଦ୍ୱିପ୍ରହରରେ ଡ୍ରାଇଭର ମହାସଂଘର ରାଉରକେଲା ସଭାପତିଙ୍କ ହସ୍ତକ୍ଷେପରେ ପାଉଁରୁଟି କମ୍ପାନୀ ପୀଡ଼ିତ ଚାଳକ ଓ ଅନ୍ୟମାନେ ଝିରପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅପରପକ୍ଷରେ, ପାଉଁରୁଟି କମ୍ପାନୀ ମ୍ୟାନେଜର ଓ ସେଲ୍ସମ୍ୟାନ ମଧ୍ୟ ଉକ୍ତ ପୀଡ଼ିତ ଡ୍ରାଇଭର ବିରୋଧରେ ଏତଲା ଦେଇଥିଲେ। ହେଲେ ଏହି ମାମଲାରେ ଆପୋଷ ସମାଧାନ ହେବ ବୋଲି ପୋଲିସ ସୂଚନା ଦେଇଥିଲେ। ରାତି ସୁଦ୍ଧା କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।



ଡ୍ରାଇଭର ମହାସଂଘ ରାଉରକେଲା ଶାଖା ସହ ପୀଡ଼ିତ ଡ୍ରାଇଭର ଓ ଅନ୍ୟମାନେ।

# ବସ୍ତି ଅଞ୍ଚଳ ପାନୀୟଜଳ ସମସ୍ୟା ଦୂରୀକରଣ ନ ହେଲେ ଆନ୍ଦୋଳନ



ବସ୍ତିବାସୀଙ୍କ ସହ ପ୍ରଶାନ୍ତ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ।

**ରାଉରକେଲା, ୧୩।୧୨ (ବିପ୍ଲବରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧ ଏଚ ବ୍ଲକ କଲ୍ୟାଣୀ ବସ୍ତି ଏବଂ ଗୁବସ୍ତିରେ ଦୀର୍ଘ ଦିନ ଧରି ସୋଲାର ପମ୍ପ ସିଷ୍ଟମ ଲଗା ଯାଇଥିବା ସତ୍ତ୍ୱେ ବସ୍ତି ମଧକୁ ପାଣି ଆସୁନି। ଅନ୍ୟପଟେ ସେକ୍ଟର-୨ ବି ବ୍ଲକରେ ଡ୍ରେନ ଜନିତ ସମସ୍ୟା ହେତୁ ଡ୍ରେନ ପାଣି ପାନୀୟ ଜଳରେ ମିଶ୍ରଣ ହେଉଛି। ଫଳରେ ବସ୍ତିବାସିନ୍ଦାମାନଙ୍କର ବ୍ୟବହାରରେ ଉପଯୋଗୀ ହୋଇପାରୁନାହିଁ। ଏନେଇ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥି ଏବଂ ବସ୍ତି ଲୋକମାନେ ବାରମ୍ବାର ଆର୍‌ଏମସି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରୁଥିଲେ ସୁଦ୍ଧା ଦୀର୍ଘ ୬ମାସ ହେଲା କେବଳ ପ୍ରତିଶ୍ରୁତିରେ କାମ ଚାଲିଛି। ତେବେ ପାନୀୟଜଳ ଜନିତ ସମସ୍ୟା ତୁରନ୍ତ ସମାଧାନ ନେଇ ବୁଧବାର ଟାଉନ ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ଯନ୍ତ୍ରୀଙ୍କୁ ଭେଟି ଏଦିଗରେ ୧୫ଦିନ ମଧ୍ୟେ ବିହିତ ପଦକ୍ଷେପ ନେବାକୁ ପ୍ରଶାନ୍ତ ଓ ସ୍ଥାନୀୟ ବସ୍ତିବାସିନ୍ଦା ଅନୁରୋଧ କରିଛନ୍ତି। ସମସ୍ୟା ଦୂରୀକରଣ ନ ହେଲେ ୧୫ଦିନ ପରେ ଆନ୍ଦୋଳନ ସୁନିଶ୍ଚିତ ବୋଲି ଚେତାବନୀ ଦେଇଛନ୍ତି।

### ଭାଗବତ ଚେତନା ହିଁ ଆତ୍ମାର ସଦ୍‌ଗତି କରିଥାଏ

**ରାଉରକେଲା, ୧୩।୧୨ (ଦିନେଶ ମିଶ୍ର):** ସିଭିଲଟାଉନଶିପସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୀତା ଭଉଣୀଙ୍କ ଅଧ୍ୟକ୍ଷତାରେ ଭାଗବତ ଚେତନାବାଣୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବିମଳା ଦିଦି ଯୋଗଦେଇ ଗୀତାର ସାରାଂଶ ବିଷୟରେ ଆଲୋଚନା କରିବା ସହ ଭଗବତ ଚେତନା ହିଁ ଆତ୍ମାର ସଦଗତି କରିଥାଏ ବୋଲି କହିଥିଲେ। ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ମହିଳା ସାମୁହିକ ଶ୍ରୀମଦ ଭଗବତ ଶ୍ଳୋକ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ତଥା ଆଖାପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଭଗବତର ଚେତନାବାଣୀ ଶ୍ରବଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଭିଲଟାଉନଶିପ ବ୍ରହ୍ମକୁମାରୀ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ସୋମା ମଣ୍ଡଳଙ୍କୁ ନେଇ ସୁନ୍ଦରଗଡ଼ରେ ଖୁସିର ଲହରି

**ସୁନ୍ଦରଗଡ, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି)**

ଫୋର୍ବସ୍ ପକ୍ଷରୁ ଜାରି କରାଯାଇଥିବା ବିଶ୍ୱର୧୦୦ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଭାରତର ୪ଜଣ ମହିଳା ରହିଛନ୍ତି। ଏହାଙ୍କ ମଧ୍ୟରେ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ସୋମା ମଣ୍ଡଳଙ୍କୁ ନେଇ ସୁନ୍ଦରଗଡାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି, ସୁନ୍ଦରଗଡ ରାଜପରିବାରର କନିଷ୍ଠ ସଦସ୍ୟଙ୍କୁ ଉପଯୁକ୍ତ ଶିକ୍ଷା ଦାନ ନିମନ୍ତେ ସ୍ୱର୍ଗତ ରାଜ ନାରାୟଣ ଦାସଗୁପ୍ତ ୧୯୩୦-୪୦ଦଶକରେ ସପରିବାର ଏଠାକୁ ଆସି ସ୍ଥାୟୀ ଭାବେ ବସବାସ ଆରମ୍ଭ କରିଥିଲେ। ରାଜ ନାରାୟଣଙ୍କ ପାଞ୍ଚ ପୁତ୍ର ଶିଶିର ଦାଶଗୁପ୍ତ,ସୁଧୀର ଦାଶଗୁପ୍ତ,ଅବନୀ ଦାଶଗୁପ୍ତ, ହରିକୁମାର ଦାଶଗୁପ୍ତ ଓ କୃଷ୍ଣ କୁମାର ଦାଶଗୁପ୍ତ। ବଡପୁଅ ଶିଶିର ଓ ଅବନୀ ସୁନ୍ଦରଗଡରେ ସରକାରୀ ଚାକିରୀ କରି ଏଠାରେ ସ୍ଥାୟୀ ବାସିନ୍ଦା ହୋଇଯାଇଥିଲେ। ସ୍ୱର୍ଗତ ହରି କୁମାର ଦାଶଗୁପ୍ତ ପାଠପଢାଶେଷ ପରେ ଭୁବନେଶ୍ୱର ଓୟୁଏଟିର ଡିନ୍ ଭାବେ ଚାକିରୀ କରି ଆବସର ନେଇଥିଲେ। ସୁଧିର ଅନେକ ଦିନ ଧରି ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ସହକାରୀ ଭାବେ କାର୍ଯ୍ୟ କରିଥିଲେ। ସେହିପରି ସ୍ୱର୍ଗତ କୃଷ୍ଣ କୁମାର ରାଜଗାଙ୍ଗପୁର ଓସିଏଲରେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ହରିକୁମାରଙ୍କ ଝିଅ ସୋମା ଦାଶଗୁପ୍ତ(ମଣ୍ଡଳ)ଙ୍କ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି କରି ପୃଥିବୀର ବଳିଷ୍ଠ ଓ ପ୍ରତିଭାଶାଳୀ ମହିଳା ଭାବେ ଫୋର୍ବସ୍ ତାଲିକାରେ ଆନ୍ତର୍ଜାତୀୟ ସ୍ତରରେ ୭୦ତମ ସ୍ଥାନରେ ରହିବା ଜିଲାପାଇଁ ଗର୍ବ ଓ ଗୌରବର ବିଷୟ।

# ଗ୍ରାମୀଣ ଡାକ ସେବକମାନଙ୍କ ବିକ୍ଷୋଭ

**ରାଉରକେଲା, ୧୩।୧୨ (ବିପ୍ଲବ ରଞ୍ଜନ ଦାଶ):** ଦୀର୍ଘବର୍ଷ ଧରି ଲମ୍ବିତ ହେଉଥିବା ସର୍ବ ଭାରତୀୟ ଗ୍ରାମୀଣ ଡାକ ସେବକମାନଙ୍କର ପ୍ରମୁଖ ୧୦ଦାବି ପୂରଣ ନିମନ୍ତେ ବୁଧବାର ରାଉରକେଲା ସର୍ବ ଭାରତୀୟ ଗ୍ରାମୀଣ ଡାକ ସେବକ ମଣ୍ଡଳ ତରଫରୁ ରାଉରକେଲା ସେକ୍ଟର-୨୧ ସ୍ଥିତ ମୁଖ୍ୟ ଡାକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଏଥିସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜୀ ମଧ ଗ୍ରାମୀଣ ଡାକ ସେବକମାନେ ଲଗାଇଥିଲେ। ଅନ୍ୟପଟେ ରାଉରକେଲା ସର୍ବ ଭାରତୀୟ ଗ୍ରାମୀଣ ଡାକ ସେବକ ମଣ୍ଡଳରେ କାର୍ଯ୍ୟରତ ୫ଶହରୁ ଉର୍ଦ୍ଧ୍ୱ ଗ୍ରାମୀଣ ଡାକ ସେବକ ବିକ୍ଷୋଭ ନେଇ କାମରୁ ନିବୃତ୍ତ ରହିଥିଲେ।

# ଉନ୍ନତୀକରଣ ନାଁରେ କଟାଯାଉଛି ବୃକ୍ଷ

**ରାଉରକେଲା, ୧୩।୧୨ (ବିପ୍ଲବରଞ୍ଜନ ଦାଶ)**

ରାଉରକେଲା ରେଲୱେ କଲୋନୀ ଅଞ୍ଚଳରେ ଉନ୍ନତିକରଣ ନାଁରେ କଟା ଯାଉଛି ବହୁ ବିଶାଳକାୟ ବୃକ୍ଷ। ମାତ୍ର ବୃକ୍ଷ କଟାଯିବା ପରେ ସେଗୁଡ଼ିକ ଜଙ୍ଗଲ ବିଭାଗକୁ ହସ୍ତାନ୍ତର ହେଉନାହିଁ। ଜଙ୍ଗଲ ଏବଂ ପରିବେଶ ବିଭାଗ ନିୟମ ମୁତାବକ ଗଛ କଟାଯିବା ପୂର୍ବରୁ ବନବିଭାଗ ଅନୁମୋଦନ ଆବଶ୍ୟକ। ଏଥିସହ ବୃକ୍ଷ କଟାଯିବା ପରେ କଟା ବୃକ୍ଷା ବନ ବିଭାଗକୁ ଜଣାଇ ହସ୍ତାନ୍ତର କରିବା ନିୟମ ରହିଛି। ମାତ୍ର ପରିତାପର ବିଷୟ ରାଉରକେଲା ରେଲୱେ କଲୋନୀରେ ଜଙ୍ଗଲ ଓ ପରିବେଶ ବିଭାଗର ସମସ୍ତ ନିୟମକୁ ଫୁ କରି ଦିଆଯାଉଛି। ବୃକ୍ଷ କାଟିବା ପାଇଁ ବନବିଭାଗ ଅନୁମତି ଅଣାଯାଉଛି, ମାତ୍ର ଫେରସ୍ତ ନିମନ୍ତେ ବନ ବିଭାଗକୁ କଟାବୃକ୍ଷାଦି ଫେରସ୍ତ ହେଉନାହିଁ। ଯାହାକୁ ନେଇ ସହରର ପରିବେଶବିତମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ରାଉରକେଲା ରେଲୱେ କଲୋନୀରେ ରହିଛି ଦକ୍ଷିଣ-ପୂର୍ବ ରେଳପଥର ବିଦ୍ୟୁତ୍ ତାଲିମକେନ୍ଦ୍ର। ତାଲିମ କେନ୍ଦ୍ର ୪ ଏକର ଜମି ବିଶିଷ୍ଟ। ଏହା ସମ୍ମୁଖରେ ଏକ ମୁକ୍ତ ପଡ଼ିଆ ରହିଛି। ପଡ଼ିଆରେ ବହୁ ପ୍ରାଚୀନ ବରଗଛ ଓ ଅଶ୍ୱସ୍ତ ଗଛ ରହିଥିଲା। ଗ୍ରୀଷ୍ମ ସମୟରେ ଉପରୋକ୍ତ ବିଶାଳକାୟ ବୃକ୍ଷ ଛାୟାରେ ନିରାଶ୍ରିତ ଲୋକମାନେ ଆଶ୍ରୟ ନେଉଥିଲେ। ମାତ୍ର ସ୍ମାର୍ଟସିଟି ସୌନ୍ଦର୍ଯ୍ୟକରଣ ନେଇ ଓ ବିଦ୍ୟୁତ୍ ପ୍ରଶିକ୍ଷଣ ତାଲିମକୁ ଜରୁରୀ ମନେ କରି ପଡିଆରେ ଥିବା ବହୁ ପ୍ରାଚୀନ ବିଶାଳକାୟ ବୃକ୍ଷ କଟା ଯାଇଛି। ଯାହାକି ରାଉରକେଲା ସ୍ମାର୍ଟସିଟି ବିଭାଗ ଏବଂ ରେଲୱେ ସିଭିଲ ଇଞ୍ଜିନିୟରିଂ ବିଭାଗର ଯୁଗ୍ମ ସହଯୋଗରେ ହୋଇଛି। କେବଳ ତାଲିମ କେନ୍ଦ୍ର କାର୍ଯ୍ୟାଳୟକୁ ରାସ୍ତା ସଂଯୋଗ ପାଇଁ ସମସ୍ୟା ଉତ୍ପନ୍ନ କରୁଥିବା ଉପରୋକ୍ତ ବିଶାଳକାୟ ବୃକ୍ଷଗୁଡ଼ିକର ଶାଖା ପ୍ରଶାଖା କଟଗଲା। ଏକଦା ଶାଖା ପ୍ରଶାଖାମାନ କଟା ଯାଇଥିଲେ ସମସ୍ୟାର ସମାଧାନ ହୋଇଥାନ୍ତା। ମାତ୍ର ସାମାନ୍ୟ ସମସ୍ୟା ଦର୍ଶାଇ ଜଙ୍ଗଲ ବିଭାଗ ଠାରୁ ଗଛ କାଟିବା ଆଦେଶ ପାଇ ବିଶାଳକାୟ ବୃକ୍ଷମାନ ମୂଳରୁ କାଟି ଦିଆଗଲା। ଅନ୍ୟପଟେ ବୃକ୍ଷଗୁଡ଼ିକ କଟା ହେବା ୧୦ ମାସରୁ ଉର୍ଦ୍ଧ୍ୱ ବିତି ସାରିଲାଣି ଅଥଚ ସେଗୁଡ଼ିକ ବନବିଭାଗକୁ ହସ୍ତାନ୍ତର ହେଉନାହିଁ। ଅନ୍ୟପଟେ ରାଉରକେଲା ସହର ସବୁଜ ପରିବେଶ ପାଇଁ ସୁପ୍ରସିଦ୍ଧ ରହିଥିବାବେଳେ ରେଲୱେ କଲୋନୀ ଓ ଗଙ୍ଗାଧରପାଲ୍ଲୀ ଅଞ୍ଚଳରେ ରହିଥିବା ମୁଖ୍ୟରାସ୍ତା ଡିଭାଇଡରରେ ବର୍ଷବର୍ଷ ଧରି ବୃକ୍ଷରୋପଣ କରାଯାଉନାହିଁ। ଡିଭାଇଡରରେ ବୃକ୍ଷ ରୋପଣ ପରିବର୍ତ୍ତେ ବିଭିନ୍ନ ପତାକା ଖମ୍ବ ପୋତା ଯାଉଛି। ଡିଭାଇଡରରେ ବାଡ଼ ଲଗାଯାଉନାହିଁ। ଫଳରେ ରାଉରକେଲା ରେଲୱେ କଲୋନୀ ସହିତ ଗଙ୍ଗାଧରପାଲ୍ଲୀ ଅଞ୍ଚଳ ଦିନକୁ ଦିନ ବୃକ୍ଷହୀନ ହେବା ସହିତ ପ୍ରଦୂଷିତ ହେବାରେ ଲାଗିଛି। ତୁରନ୍ତ ଏଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ହେବା ସାଧାରଣରେ ଦାବିହେଉଛି। ଏନେଇ ରାଉରକେଲା ଦକ୍ଷିଣ-ପୂର୍ବ ରେଲୱେ ସିଭିଲ ବିଭାଗ ମୁଖ୍ୟ ତୁହିନ ଶତପଥିଙ୍କୁ ପଚାରିବାରୁ ସେ କହିଲେ,ବୃକ୍ଷ କାଟିବା ନିମନ୍ତେ ଅନୁମତି ଆଣିଥିଲୁ। ମାତ୍ର କଟାଯାଇଥିବା ବୃକ୍ଷ ବନବିଭାଗକୁ ହସ୍ତାନ୍ତର କରିନାହୁଁ। ତୁରନ୍ତ ହସ୍ତାନ୍ତର କରିବୁ। ଅନ୍ୟପଟେ ଡିଭାଇଡରଗୁଡ଼ିକରେ ବୃକ୍ଷରୋପଣ କରିବା ଆମ ଦାୟିତ୍ୱ ନୁହେଁ ବୋଲି କହିଥିଲେ। ଏନେଇ ରାଉରକେଲା ବନବିଭାଗ ମୁଖ୍ୟ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ଛୁଟିରେ ରହିଛି। ଫାଇଲ ଦେଖିଲେ ଜଣାପଡିବ ଗଛକଟା ଅନୁମୋଦନ ଦିଆଯାଇଛି ନା ନାହିଁ। ଏହା ବ୍ୟତୀତ ଏତେ ସମୟ ଧରି କଟିତ ବୃକ୍ଷ ଜମା ନ ହେବା କାରଣ ମଧ ଜଣାପଡିବ ବୋଲି ଦର୍ଶାଇଥିଲେ। କିଭଳି ଡିଭାଇଡରରେ ବୃକ୍ଷରୋପଣ ଖୁବଶୀଘ୍ର କରାଯିବ ତାହାରି ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ରେଲୱେ କଲୋନୀ ପରିସରରେ କଟା ଯାଇଥିବା ବିଶାଳକାୟ ବୃକ୍ଷ ପଡ଼ିରହିଛି।

## ସଂକ୍ଷେପରେ

### ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପିତ

କୁଚିଣ୍ଡା, ୧୩।୧୨ (ବିରଞ୍ଚି ଦର୍କା): କୁଚିଣ୍ଡା କଲେଜରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ସାମାଜିକ, ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଉପଜିଲାପାଳ ବିଭୁତିଭୂଷଣ ନାୟକ, କଲେଜ ପରିଚାଳନା ସମିତି ସଭାପତି ହୃଦାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରସ୍ ନିଆରା ଶୈଳୀରେ ଅତିଥିମାନଙ୍କୁ ମହାରାଜ କଂସ ଓ ମହାମନ୍ତ୍ରୀ ଭୂମିକାରେ ଅଭିନୟ କରି ସ୍ୱାଗତ କରିଥିଲେ। ଯୁକ୍ତତିନି ବିଭାଗର ନୋଡାଲ ଅଫିସର ଡ଼.ଅମିୟ କୁମାର ପାତ୍ର ସଭା ପରିଚାଳନା କରିଥିଲେ। ଯୁକ୍ତଦୁଇ ବିଭାଗର ଡ. ସୁମନ୍ତ କୁମାର ପଟେଲ ବିବରଣୀ ପାଠ କରିଥିଲେ। ପରେ ଅଧ୍ୟାପିକା ସୁଭଦ୍ରା ଦାସ ଓ ସଞ୍ଜୁଶ୍ରୀ ଦାଶ ପୁରସ୍କାର ବିତରଣ କାର୍ଯକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଗଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ।ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଅଧ୍ୟାପିକା ସଞ୍ଜୁଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଗବତ ଓ ଆଖଡ଼ା ଗୃହ ଉଦ୍‌ଘାଟିତ

ସମ୍ବଲପୁର, ୧୩।୧୨ (ବି.ଶଙ୍କର): ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସମ୍ବଲପୁର ଜିଲା ଲପଙ୍ଗା ଗ୍ରାମର ଭାଗବତ ଗୃହ ଓ ଆଖଡ଼ା ଘର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ଲାଣ୍ଟ ମୁଖ୍ୟ ସମୀର ନାଏକ, ଉପସଭାପତି ଓ ମାନବ ସମ୍ବଳ ଅଧିକାରୀ ଡା. ବିବେକାନନ୍ଦ ମିଶ୍ର, ଲପଙ୍ଗା ସମିତିସଭ୍ୟ କିରଣ ବେହେରା, ମନୋଜ ଦାସ, ନରୋତ୍ତମ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ ଆଗାମୀ ଦିନରେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ କମ୍ପାନୀର ଅଧିକାରୀମାନେ ସୂଚିତ କରିଥିଲେ। ଏହାସହ ପ୍ରକଳ୍ପ ସକ୍ଷମ ମାଧ୍ୟମରେ ସ୍ୱୟଂ ସାହାଯକ ଗୋଷ୍ଠୀଗୁଡିକର ବିକାଶ ଓ ଆର୍ଥିକ ସ୍ୱଚ୍ଛଳତା ଦିଗରେ ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବାପାଇଁ ଆହ୍ୱାନ ଦେଇଥିଲେ। ଶ୍ୱେତା ଉପାଧ୍ୟାୟଙ୍କ ତତ୍ତ୍ୱାବଧାନ ଓ ମନୋରଞ୍ଜନ ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା।

### ୪ ଶିଶୁ ଶ୍ରମିକ ଉଦ୍ଧାର

ସମ୍ବଲପୁର, ୧୩।୧୨ (ଭବାନୀ ଶଙ୍କର ଭୋଇ) ଧନୁପାଲି ଥାନା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ବୁଧବାର ଶ୍ରମ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁଙ୍କ ନେତୃତ୍ୱରେ ସହକାରୀ ଜିଲା ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ, ଆଦର୍ଶ ଅନୁଷ୍ଠାନର ରଞ୍ଜନ କୁମାର ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ଉପସ୍ଥିତରେ ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ରଖାଯାଇଛି। ଆଗକୁ ନିୟମ ଉଲ୍ଲଂଘନ କରି ନିଜ ଦୋକାନରେ ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିଥିବା ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି।

# ଖୋଳାପୋତାରେ ଅଟକିଛି ନିର୍ମାଣ କାମ



ଜେଲ ଛକରେ ପାଇପ୍ ମରାମତି ପାଇଁ ରାସ୍ତା ଖୋଳାହୋଇ ପଡିଛି।

ସମ୍ବଲପୁର, ୧୩।୧୨ (ଭବାନୀ ଶଙ୍କର ଭୋଇ) ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଏବେ ବ୍ୟାପକ ନିର୍ମାଣ କାମ ଜାରିରହିଛି। ହେଲେ ଖୋଳାପୋତାରେ ସମୟ ଗଡି ଚାଲିଥିବା ବେଳେ ରାସ୍ତାଘାଟ ନିର୍ମାଣ କାମରେ ଆଖିଦୃଶିଆ ଅଗ୍ରଗତି ଦେଖିବାକୁ ମିଳୁନାହିଁ। ଦୁର୍ଗାପୂଜା ପୂର୍ବରୁ ଜେଲ ଛକରୁ ଧନୁପାଲି ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ କାମ ଆରମ୍ଭ ହୋଇଥିଲା। ନଭେମ୍ବର ସୁଦ୍ଧା ଅଧିକାଂଶ କାମ ଶେଷ ହୋଇଯିବ ବୋଲି କୁହାଯାଉଥିଲା। ତେବେ ପୂର୍ତ୍ତବିଭାଗ ରାସ୍ତା ଖୋଳି କିଛିଦିନ ପକାଇବା ପରେ ଲୋକେ ହଇରାଣ ହେଉଥିବା ନେଇ ଅଭିଯୋଗ ପରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ସେତେବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ରାସ୍ତା ମଝିରୁ ଖୁଣ୍ଟ ହଟାଯିବାକୁ ଅପେକ୍ଷା କରାଯାଉଥିବା କୁହାଯାଇଥିଲା। ବିଦ୍ୟୁତ୍ ଖୁଣ୍ଟ ହଟାଯିବା ପରେ ପୂର୍ତ୍ତ ବିଭାଗ ରାସ୍ତାରେ ମେଟାଲ ପକାଇ ସମତୁଲ କରିବା ଆରମ୍ଭ କରିଥିଲା। ପରେ ପୁଣି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେହି ରାସ୍ତା ଖୋଳା ଆରମ୍ଭ ହୋଇଥିଲା। ପାଇପ୍ ବିଛାଇବା ପାଇଁ ବିଭାଗ ରାସ୍ତା ଖୋଳି ମାଟି ଗଦା କରିବା ପରେ ଲୋକଙ୍କ ଯିବାଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏବେ ବି ପାଇପ୍ କାମ ଚାଲିଥିବା ବେଳେ ରାସ୍ତା ଦୋହରୀକରଣ କାମ ପାଇଁ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଦୋହରୀକରଣରେ ଦେଖାଦେଇଥିବା ଅଚଳାବସ୍ଥା ବିଷୟରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିନିତ କୁମାର ଲାକଡାଙ୍କୁ ପଚାରିବାରୁ ସେ କହିଥିଲେ, ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ବିଛା କାମ ଚାଲିଥିବାରୁ ଆମ କାମରେ ବିଳମ୍ବ ହେଉଛି। ଚାରଭାଟିରୁ ଗୋବିନ୍ଦତୋଳା ବ୍ରିଜ ନିକଟରେ ରାସ୍ତା ସଙ୍କୁଚିତ କରାଯାଉଥିବା ପ୍ରଶ୍ନରେ ଜମି ଅଧିଗ୍ରହଣ ପାଇଁ ପ୍ରଶାସନକୁ କୁହାଯାଇଥିବା ଯୋଗୁ ସେଠାରେ ସଙ୍କୁଚିତ କରି ବର୍ତ୍ତମାନ ପାଇଁ ଯାତାୟାତ ବ୍ୟବସ୍ଥା କରାଯାଉଥିବା କହିଥିଲେ। ଅନ୍ୟପକ୍ଷରେ ପାଇପ୍ ବିଛା କାମ ଯୋଗୁ ରାସ୍ତା ନିର୍ମାଣ କାମ ବ୍ୟାଘାତ ହେଉଥିବା ବିଷୟରେ ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ରୋସନ ସାହୁ କହନ୍ତି, ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ସମୟରେ ପାଇପ୍ ଫାଟିଯାଉଥିବାରୁ ଅଯଥାରେ ଅନେକ ଜାଗାରେ ନୂଆ ପାଇପ୍ ବିଛାଇବାକୁ ପଡୁଛି। ବିଭିନ୍ନ ସ୍ଥାନରେ ପାଇପ ଫାଟି ଲିକେଜ କରୁଥିବାରୁ ଆଉ କିଛିଦିନ ମରାମତି କରିବାକୁ ଲାଗିବ ବୋଲି ସେ କହିଛନ୍ତି।

### ବିଭାଗ ମଧ୍ୟରେ ସମନ୍ୱୟ ନାହିଁ

ସରକାର ସହରର ବିକାଶ ପାଇଁ ଅର୍ଥ ମଞ୍ଜୁର କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା ପରିତାପର ବିଷୟ। ଏଭଳି ଅବହେଳା ଯୋଗୁ ସରକାରୀ ଅର୍ଥ ବରବାଦ ହେବା ସହ କାର୍ଯ୍ୟରେ ବିଳମ୍ବ ମଧ୍ୟ ହେଉଛି । ଏହାପ୍ରତି ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।

# ବୁଲିଲା ଶିକ୍ଷା ସଚେତନତା ରଥ


ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ସମ୍ବଲପୁର, ୧୩।୧୨ (ପ୍ରମୋଦ ବହିଦାର): ଜିଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନ ସମ୍ବଲପୁରଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ରଥର ଆରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରମ ଭୋଇ, ତନୁଜା ମହାପାତ୍ରଙ୍କ ସମେତ ସିଆର୍‌ସିସି ତଥା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ପ୍ରତି ପଞ୍ଚାୟତକୁ ଶିକ୍ଷାଗ୍ରହଣ ପାଇଁ ବିଦ୍ୟାଳୟକୁ ଆକୃଷ୍ଟ କରିବା ଦିଗରେ ପିତାମାତାଙ୍କୁ ସଚେତନ କରିବ। ଧମା ହାଇସ୍କୁଲରେ ସଚେତନତା ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା।

# ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ


ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ନାକଟିଦେଉଳ, ୧୩।୧୨ (ବୈକୁଣ୍ଠ ନାଥ ସାହୁ) ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରା.ପ. ଅନ୍ତର୍ଗତ କଣ୍ଡଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଗୁରୁଚରଣ ମୁଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ ମୁଖ୍ୟଅତିଥି ଯୋଗଦେଇ ଦେଶ ଓ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅତିଥି ଶିକ୍ଷୟିତ୍ରୀ ମନିଷା ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରଧାନ ଶିକ୍ଷକ ବିକ୍ରମ ବେହେରା ବୀବରଣୀ ପାଠ କରିଥିଲେ। ଏହି ଅବସରରେ ମଙ୍ଗଳବାର ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ସମୁଦାୟ ୮୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବରିଷ୍ଠ ବିଭାଗରେ ୮ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା କିଷାନ ଓ କନିଷ୍ଠ ବିଭାଗରେ ୫ମ ଶ୍ରେଣୀ ଛାତ୍ରୀ ସୁନେଇ କିଷାନ ଚାମ୍ପିୟନ ହୋଇଥିଲେ। ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ସମେତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଅତିଥି ଶିକ୍ଷକ ରାଜେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁପତ୍ର ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ସମ୍ବଲପୁର, ୧୩।୧୨ (ବି.ଶଙ୍କର)



ସ୍ମାରକୀ ସ୍ତମ୍ଭକୁ ଉନ୍ମୋଚନ କରିବା ଅବସରରେ ଅତିଥିମାନେ।

ସମ୍ବଲପୁର କେନ୍ଦୁପତ୍ର ବନଖଣ୍ଡ ପକ୍ଷରୁ ଓଡ଼ିଶା କେନ୍ଦୁପତ୍ର ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ସମ୍ବଲପୁର ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର ମୁଖ୍ୟଅତିଥି, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି, ସମ୍ପାଦକ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଗୋକୁଳ ମେହେର ସମ୍ମାନିତ ଅତିଥି, ରେଢ଼ାଖୋଲ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ବାସିଲ ବାର୍ଲା ଅନ୍ୟତମ ଅତିଥି ଭାବରେ ଯୋଗଦାନ କରିଥିଲେ। ସଭାକୁ ନିବେଦିତା ଦାସ ଓ ରୁନେନ୍ଦ୍ର କୁମାର ସ୍ୱାଇଁ ପରିଚାଳନା କରିଥିଲେ। କେନ୍ଦୁପତ୍ର ସଂସ୍ଥାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିରେ ସାମୟିକ କର୍ମଚାରୀ, ତୋଳାଳି, ବନ୍ଧେଇ ଶ୍ରମିକ, ସମ୍ବଲପୁର ବନ ମଣ୍ଡଳର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ସମ୍ବଲପୁର ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ର ଅଫିସ ପରିସରରେ କେନ୍ଦୁପତ୍ର ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ମାରକୀ ସ୍ତମ୍ଭ ଉନ୍ମୋଚନ କରାଯାଇଥିଲା।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଜମନକିରା, ୧୩।୧୨ (ରବୀନ୍ଦ୍ର ପ୍ରସାଦ ଦାନି) ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ କ୍ଷଣପଥର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆଠାରେ ନୂଆ-ଓ କାର୍ଯ୍ୟକ୍ରମରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ଶ୍ରୀମତୀ ଦାଶ ଅଧକ୍ଷତା କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଶୋଭାରାମ ପାଧନ ମୁଖ୍ୟଅତିଥି ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅଜିତ କୁମାର ନାୟକ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ବଡରମା ସରପଞ୍ଚ ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଉଚ୍ଚ ଡିଆଁ, ଲମ୍ବଡିଆଁ, ଦୌଡ଼, ପୁଚି, ଫୁଟବଲ, କବାଡି, ଖୋଖୋ ଆଦି ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ପ୍ରଦୀପ ପଟେଲ, ନାରାୟଣ ପ୍ରଧାନ, ଶିବ ନାରାୟଣ ବେହେରା, ପ୍ରିୟ ରଞ୍ଜନ ସାଥୁଆ, ତପନ ଖୁଣ୍ଟିଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଧ୍ୟାପିକା ସୁନୀତା ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଅର୍ପିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

କୁଚିଣ୍ଡା, ୧୩।୧୨ (ବିରଞ୍ଚି ଦର୍କା)


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କୁଚିଣ୍ଡା ବ୍ଲକ କୁତୁରାଚୁଆଁ ଯୁକ୍ତଦୁଇ କଲେଜରେ ଚାଲିଥିବା ନୂଆ- ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟ ଅତିଥି, କୁତୁରାଚୁଆଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ମୁଖ୍ୟବକ୍ତା, ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, କଲେଜ ପ୍ରତିଷ୍ଠାତା ସଭ୍ୟ ନୃପଲାଲ ପଟେଲ, ଛାତ୍ରସଂସଦ ସଭାପତି ଅରୁଣ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଗଣ ନିଜ ପ୍ରତିଭାକୁ ବିକଶିତ କରି ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ସଫ୍ଟ ସ୍କିଲ କର୍ମଶାଳା

ସମ୍ବଲପୁର, ୧୩।୧୨ (ବି.ଶଙ୍କର) ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ସଫ୍ଟ ସ୍କିଲ ଉପରେ ଆଧାରିତ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରୋହିତ ଶର୍ମା ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିର ବିଭିନ୍ନ କୌଶଳ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଦଳଗତ କାର୍ଯ୍ୟ, ଗୋଷ୍ଠୀ ଆଲୋଚନା, ବ୍ୟକ୍ତିଗତ ସାକ୍ଷାତକାର, ଆତ୍ମବିଶ୍ୱାସ ବୃଦ୍ଧି ଓ ବ୍ୟକ୍ତିତ୍ୱ ବିକାଶ ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ୮୦ରୁ ଊର୍ଦ୍ଧ୍ୱ ସ୍ନାତକୋତ୍ତର ଓ ସ୍ନାତକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା, ଡ. ଜ୍ଞାନରଞ୍ଜନ ବଳ, ସୁବାସ ଚନ୍ଦ୍ର ଝଙ୍କାର ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା


କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଜମନକିରା, ୧୩।୧୨: (ରବୀନ୍ଦ୍ର ପ୍ରସାଦ ଦାନୀ) ଜମନକିରା ବ୍ଲକ ସଦର ମହକୁମାସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶତମ ବାର୍ଷିକ କ୍ରୀଡ଼ା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ସାଲେକରାମ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ଦିଲୀପ ବହିଦାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶାରୀରିକ ପ୍ରମୁଖ ପଦ୍ମନାଭ ମହାକୁଳ ଖେଳ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୫ ଜଣ ଶିଶୁ ଭାଇଭଉଣୀ କ୍ରୀଡ଼ାରେ ଯୋଗଦାନ କରିଥିଲେ। ଆଚାର୍ଯ୍ୟ ଉମାକାନ୍ତ ରଣା ଖେଳରେ ସହଯୋଗ କରିଥିବା ବେଳେ ଆଚାର୍ଯ୍ୟା ସସ୍ମିତା ବିଶାଳ, ଛବିରାଣୀ ଗଡ଼ନାୟକ, ରିନା ବେହେରା, ମନୀଷା ଦେହୁରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୈଶୋର ସ୍ୱାସ୍ଥ୍ୟ ସଚେତନତା



ସମ୍ବଲପୁର, ୧୩।୧୨ (ଭବାନୀ ଶଙ୍କର ଭୋଇ) ମା' ଖାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୟୁଥ୍ ରେଡକ୍ରସ ଓ ଜାତୀୟ ସେବା ଯୋଜନା ୟୁନିଟ ଆନୁକୂଲ୍ୟରେ କୈଶୋର ସ୍ୱାସ୍ଥ୍ୟ ସଚେତନତା ଓ ପ୍ରାଥମିକ ଚିକିତ୍ସା କର୍ମଶାଳା ଆୟୋଜିତ ହୋଇଯାଇଛି। ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାମାଜି କର୍ମୀ ଡା. ରାଜାରାମ ଷଡଙ୍ଗୀ ପ୍ରଶିକ୍ଷକ ଭାବରେ ଯୋଗଦେଇ କୈଶୋରାବସ୍ଥା ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା। ଏହି ସମୟରେ ଶାରୀରିକ ଓ ମାନସିକ ସ୍ତରରେ ଅନେକ ପରିବର୍ତ୍ତନ ଆସୁଥିବାରୁ ସତର୍କ ରହିବା ନିହାତି ଜରୁରୀ ବୋଲି କହିଥିଲେ। ଆମେ ନିଜେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବା ସହ ପରିବାରର ସମସ୍ତ ସଦସ୍ୟଙ୍କ ସକାଶେ ପୁଷ୍ଟିକର ଖାଦ୍ୟ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସଭାରେ ମା' ଖାଡେଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନିଲ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରବିନ୍ଦ୍ରନାରାୟଣ ଠାକୁର ସଭା ସଂଯୋଜନା କରିଥିବା ବେଳେ ୟୁଥ୍ ରେଡକ୍ରସ ସଂଯୋଜିକା ସ୍ୱାରକୀ ମାହାର ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ



ସମ୍ବଲପୁର, ୧୩।୧୨ (ପ୍ରମୋଦ ବହିଦାର): ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଦୁଇଦିନିଆ ବାଳବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ-୨୦୨୩ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝି ମୁଖ୍ୟଅତିଥି ଓ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର କମ୍ୟୁନିଟି ମେଡିସିନ୍ ବିଭାଗୀୟ ମୁଖ୍ୟ ଡା. ସାଧୁ ଚରଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ପ୍ରସ୍ତୁତକରୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ସେଥିମଧ୍ୟରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ହାସଲ କରିଥିବା ୫ଟି ଭିନ୍ନ ଭିନ୍ନ ପ୍ରକଳ୍ପ ପ୍ରସ୍ତୁତକାରୀ ହେଲେ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟସ୍ୱରୂପ ନାୟକ, ଓଏଭି ନାକଟିଦେଉଳର ଛାତ୍ରୀ ଏଲିନା ପ୍ରିୟଦର୍ଶନୀ ବିଶ୍ୱାଳ, ଏସ୍‌ଏନ୍‌ଏସ୍ ବିଦ୍ୟାଳୟ ଲଇଡାଗୁଣର ଛାତ୍ରୀ ଆୟୁଷୀ ପଟେଲ, ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ଓ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ କୁନ୍ତରାର ଛାତ୍ର ଭବାନୀ ଶଙ୍କର ପଟେଲ। ପ୍ରାରମ୍ଭରେ ବିଜ୍ଞାନ ପ୍ରଦର୍ଶନୀର ଆବାହିକା ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ୍ ଓ ଗଣଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ, ସମ୍ବଲପୁର ବିକାଶ ଚନ୍ଦ୍ର ପ୍ରଧାନ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଅଧିକରୁ ଅଧିକ ଗବେଷଣାତ୍ମକ କାର୍ଯ୍ୟକ୍ରମ ହାତକୁ ନେଇ ଛାତ୍ରୀଛାତ୍ରଙ୍କ ଭୌତିକ ବିକାଶରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦର୍ଶନୀରେ ମୋଟ ୧୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ସଂକ୍ଷେପରେ

### ପୌର ପରିଷଦର ସାଧାରଣ ଅଧିବେଶନ

**ବ୍ରଜରାଜନଗର,୧୩।୧୨(ବିଜୟ ବରାଡ଼):** ବ୍ରଜରାଜନଗର ପୌର ପରିଷଦ ସଭାଗୃହରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନିମନ୍ତେ ବିଶେଷ ଆଲୋଚନା ହୋଇଥିଲା। ଏହାପରେ ବ୍ୟାଟେରି ଚାଳିତ ଗାଡିର ଶୁଭ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ପୌରାଧ୍ୟକ୍ଷା ଯାଜ୍ଞସେନି ଓରାମ, ଉପନଗରପାଳ ଗୋପାଳ ଶିତାନୀ, କାଉନସିଲର ପ୍ରଭାତି ଗଡ଼ନାୟକ, ପ୍ରତିମା ବାଗ, ରଜନୀ ପାଣ୍ଡେ, ମୀନା ନାଏକ, ସନ୍ତୋଷିନୀ ପାଢ଼ୀ, ସନ୍ଦୀପ ହାଓ, ସାଂସଦ ପ୍ରତିନିଧି ତପନ ସ୍ୱାଇଁ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ବୈଠକ



**ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଏକମା ହାଇସ୍କୁଲରେ ବୁଧବାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ଉପରେ ଆଲୋଚନା କରିଥିଲେ। ସେ ହାଇସ୍କୁଲର ସୁପରିଚାଳନା, ଗୁଣାତ୍ମକ ଶିକ୍ଷା ଓ ମାନବୃଦ୍ଧି ଉପରେ ଦିଗ ଦର୍ଶନ ଦେଇଥିଲେ। ବୈଠକରେ ବରଗାଁକଛାର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବରାଜ ଗୋଖର, ସାହାଜବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଟିକେସ୍ୱର ସାହୁ, ଏକସା ହାଇସ୍କୁଲର ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ସାହୁ, ବଡ଼ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁନୀତା ଲକ୍ରଙ୍କ ସହିତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଆଲୋଚନା କରିଥିଲେ।

### ବୀରମିତ୍ରପୁର ଉପଖଣ୍ଡରେ ବଢ଼ୁଛି ମଦ କାରବାର

**କୁଆଁରମୁଣ୍ଡା,୧୩।୧୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା ବୀରମିତ୍ରପୁର ଉପଖଣ୍ଡରେ ଦେଶୀ,ବିଦେଶୀ ମଦ କାରବାର ବଢ଼ିଚାଲିଛି। ଉପଖଣ୍ଡର କୁଆଁରମୁଣ୍ଡା,ରାଏବୋଗା ଏପରିକି ବୀରମିତ୍ରପୁର ପୌରାଞ୍ଚଳରେ ଥିବା ଢାବା ଓ ହୋଟେଲ ଗୁଡ଼ିକରେ ଅବାଧରେ ଏହି ବେଆଇନ କାରବାର ଚାଲିଛି। ତେବେ ଏଥିପ୍ରତି ଅବକାରୀ ଓ ପୋଲିସ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢ଼ାଉ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ନୂତନ ତହସିଲଦାରଙ୍କ ଯୋଗଦାନ

**ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁରେ ବୁଧବାର ନୂତନ ତହସିଲଦାରଭାବେ ଝରଣା ପ୍ରଧାନ ଯୋଗଦେଇଛନ୍ତି। ସେ ବୌଦ୍ଧ ଜିଲାରେ ଅତିରିକ୍ତ ଜିଲାପାଳ ଦାୟିତ୍ୱରେ ଥିଲେ। ସରୋଜ କୁମାର ପୃଷେଟଙ୍କ ବଦଳି ପରେ ଏହି ପଦବୀ ଖାଲି ପଡିଥିଲା।

### ଯତରା ମହୋତ୍ସବରେ ସ୍ଥାନୀୟ କଳାକାର, ଅନୁଷ୍ଠାନକୁ ଅଗ୍ରାଧିକାର ଦାବି



**ସୁନ୍ଦରଗଡ,୧୩।୧୨(ଜୟ ନାରାୟଣ ମେଣ୍ଡୁଲି):** ଜାନୁୟାରୀ ୧ରୁ ୫ ପର୍ଯ୍ୟନ୍ତ ସୁନ୍ଦରଗଡ ପ୍ରତିଷ୍ଠା ଦିବସ ତଥା ଜିଲା ମହୋତ୍ସବ ଯତରା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାର ସହିତ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାର କଳାକାର ଓ ଅନୁଷ୍ଠାନ ଗୁଡିକ କଳା ନୈପୂର୍ଣତା ପ୍ରଦର୍ଶନ ପାଇଁ ଅଗ୍ରାଧିକାର ଦେବାକୁ କୋଶଲ ସମାଜ ପକ୍ଷରୁ ଜିଲାପାଳଙ୍କ ଠାରେ ଦାବି କରାଯାଇଛି। କୋଶଲ ସମାଜର ମହାସଚିବ ଦିଲ୍ଲୀପ ପଣ୍ଡା ବୁଧବାର ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝିଙ୍କୁ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ମହୋତ୍ସବରେ ମଞ୍ଚ ପରିଚାଳନା ପାଇଁ ସ୍ଥାନୀୟ ଉଦଘୋଷକଙ୍କୁ ସୁଯୋଗ ଦେବାକୁ ଦାବି କରାଯାଇଛି।



ସୁନ୍ଦରଗଡ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରୀରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶୃଙ୍ଖଳିତ ହୁଅନ୍ତୁ ଛାତ୍ରୀଛାତ୍ର

## ଜିଲା ସ୍ତରୀୟ ସ୍କାଉଟ, ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ

**କୁତ୍ରା,୧୩।୧୨(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ୩ ଦିନିଆ ସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ଅମୂଲ୍ୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଏଡିଏମ ରବିନାରାୟଣ ସାହୁ ଯୋଗଦେଇ ଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ସ୍କାଉଟ ଓ ଗାଇଡ଼ଙ୍କୁ ଶୃଙ୍ଖଳା ରକ୍ଷା ପୂର୍ବକ ଦେଶରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ ତଥା ସମାଜ ଗଠନରେ ସହଭାଗିତା ପାଇଁ ପ୍ରଶଂସା କରିଥିଲେ। ଏହି ଅବସରରେ ଶିକ୍ଷା ଅଧିକାରୀ ପ୍ରଧାନ ଜିଲାର ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରମାନେ ନିଜ ନିଜ କର୍ତ୍ତବ୍ୟ ପାଇଁ ତଥା ଜିଲାର ସୁନାମ ଆଣିବା ପାଇଁ ବେଶ ପ୍ରତିଶ୍ରୁତିବଦ୍ଧ ବୋଲି କହିବା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ସହିତ ଶୃଙ୍ଖଳିତ ଜୀବନ ଗଠନ କରିବା ପାଇଁ ଉପଦେଶ ଦେଇଥିଲେ। ଏଥିସହ ୩ ଦିନିଆ କ୍ୟାମ୍ପୋରୀ ଆୟୋଜନ କରୁଥିବା କୁତ୍ରା ଉଚ୍ଚ ବିଦ୍ୟାଳୟର ପରିବେଶକୁ ପ୍ରଶଂସା କରିବା ସହ ସମସ୍ତ ବିଦ୍ୟାଳୟ ମଧ୍ୟ ଏଭଳି ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ,ରାଜଗାଙ୍ଗପୁର ବ୍ଲକ ବିଇଓ ସରିତା ସରୋନିଆ, ସମାଜିକ କର୍ମୀ ପ୍ରଭୁ ଦୟାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ସ୍କାଉଟ ଜିଲା କମିଶନର ବିଭୀଷଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩ ଦିନ ଧରି ହେବାକୁ ଥିବା ଏହି କ୍ୟାମ୍ପୋରୀରେ ଜିଲାର ୯ଶହ ସ୍କାଉଟ ଓ ଗାଇଡ୍ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଶୈକ୍ଷିକ ପାଠ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ଛାତ୍ରୀଛାତ୍ର। ଜିଲା ସ୍କାଉଟ ଟ୍ରେନର ଜନସନ ଖାଖା ଦିପିକା କେର୍କେଟାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କ୍ୟାମ୍ପୋରୀ ଆୟୋଜନରେ ସହଯୋଗ କରୁଛନ୍ତି। ସେହିଭଳି ସନ୍ଧ୍ୟାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ସମିତି ସଭ୍ୟା କିର୍ତ୍ତି ଏକ୍କା, ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କର ପ୍ରସାଦ ଟପ୍ପୋ ଯୋଗଦେଇ ସଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ର୍‍ୟାମ୍ପ ସୋ ସହିତ ଫୋକ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷକ ତଥା ଆୟୋଜକ ସମ୍ପାଦକ ନଳିନୀ କାନ୍ତ ଶାସିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍କାଉଟ ଜିଲା ଆୟୋଜକ ସମ୍ପାଦକ ବ୍ରିଧିଚନ୍ଦ୍ର ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଲାବିରା ବ୍ଲକ୍‌ରେ ଧାନକିଣା ଆରମ୍ଭ

**କୋଲାବିରା,୧୩।୧୨(ଚିନ୍ମୟ କୁମାର ବହିଦାର)**

କୋଲାବିରା ଯାତ୍ରା ମେଳଣ ପଡିଆଠାରେ ବୁଧବାର ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ବ୍ଲକର କୋଲାବିରା, ସାମସିଂହା, ଝିର୍ଲାପାଲି, ପରମାଣପୁର ଚାରୋଟି ସମବାୟ ସମିତି ଓ ୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଚଳିତ ଖରିଫ ଧାନ



ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ସଂଗ୍ରହ ଆରମ୍ଭ ହୋଇଛି। ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ ସହ ଧାନକ୍ରୟର ଶୁଭାରମ୍ଭ କରିଥିଲେ। ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସନ୍ତୋଷିନୀ ପଣ୍ଡା, କୋଲାବିରା ବ୍ଲକ ଯୋଗାଣ ଅଧିକାରୀ ମମିତା ବାଗ୍, ଆନନ୍ଦ କୁମାର ସୋରେନ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ମିଲର୍ସଙ୍କ ଅନୁପସ୍ଥିତି ପାଇଁ ମଣ୍ଡିକୁ ଆସିଥିବା ଧାନ କ୍ରୟ ହୋଇପାରି ନ ଥିଲା ଏବଂ ଚାଷୀ ଧାନ ଫେରାଇ ନେଇଥିଲେ। ଏହି ଅବସରରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

# ଯୁକ୍ତ ୨ କଲେଜରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବିଜେତା ଛାତ୍ରୀଙ୍କ ସହିତ ଅଧ୍ୟାପିକା ଅଧ୍ୟାପକ।

**ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ସ୍କୁଲର କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଧାନ ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ଖେଳକୁଦ ,ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଧ୍ୟାନ ଦେବାକୁ କହିଥିଲେ। ସମ୍ମାନୀତ ଅତିଥି ଅମିୟ ତାଙ୍କ ବକ୍ତବ୍ୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଆଭିମୁଖ୍ୟ ସହିତ କ୍ରୀଡା ମାଧ୍ୟମରେ ସର୍ବାଙ୍ଗୀନ ବିକାଶ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଦଶରଥ ନାଏକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ଏଭଳି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ କହିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ଅଧ୍ୟାପକ ନିରୋଜ କୁମାର୍ ପଟେଲ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ମଞ୍ଚ ଦେଇଥିବା ନେଇ ଆଲୋଚନା କରିବା ସହିତ ଗଳ୍ପ ମାଧ୍ୟମରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ୧୦୦ ମିଟର, ୨୦୦ ମିଟର, ଲମ୍ବ ଡିଆଁ, ସ୍ଲୋ ସାଇକେଲ ଆଦି ପ୍ରତିଯୋଗିତା ହୋଇଥିଲା। ବାଳକ ବର୍ଗରେ ୨ୟ ବର୍ଷ କଳା ଛାତ୍ର ପିତୃସ କୁଜୁର ଓ ବାଳିକା ବର୍ଗରେ ପ୍ରଥମ ବର୍ଷ କଳା ଛାତ୍ରୀ ସୁରେଖା କିଷାନ ଚାମ୍ପିୟନ ହୋଇଥିଲେ। ଶେଷରେ କ୍ରୀଡା କମିଟି ଉପଦେଷ୍ଟା ଚନ୍ଦନ ବେଉରା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ବ୍ରଜରାଜଗର,୧୩।୧୨ (ବିଜୟ ବରାଡ଼):** ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀ ଛକଠାରେ ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଓ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, କାଉନସିଲର ଚାରୁଲତା ପ୍ରଧାନ, ପ୍ରଭାତି ଗଡ଼ନାୟକ, ମନୋରମା ସାହୁ, ଗୋବିନ୍ଦ ଚରଣ ସାହୁ, ଦିବାକର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ଚାଷୀଙ୍କ କ୍ଷୟକ୍ଷତିର ଆକଳନ ପାଇଁ ବୈଠକ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆହ୍ୱାନ

**ହେମଗିର,୧୩।୧୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ କାର୍ଯ୍ୟାଳୟର ମିଟିଂ ହଲରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୧୬ରେ ହେବାକୁଥିବା ଜନ ସମାବେଶରେ ଯୋଗଦେଇ ନିଜ ହକ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ନେଇ ସମଗ୍ର ବ୍ଲକର ଚାଷୀଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ହେମଗିରିରୁ ଚାଷୀ ଏକତ୍ରିତ ହୋଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସ୍ଥିରୀକୃତ ହୋଇଛି। ଏହି ବୈଠକରେ ଦିଲେଶ୍ୱର ଭୋଇଙ୍କୁ ହେମଗିରି ବ୍ଲକ୍ କୃଷକ ନେତା ଭାବେ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଜିଲା କୃଷକ ନେତା ସୁନିଲ ମହାପାତ୍ର, ବ୍ଲକ କୃଷକ ନେତା ଗୋପାଳ ଚନ୍ଦ୍ର ପଧାନ, ବ୍ଲକ ସଭାପତି ଶୁକାନ୍ତ ପତି, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା,ରମେଶ ପାଣ୍ଡେ, ଉପେନ୍ଦ୍ର ଭୋଇ, ପ୍ରମୋଦ ପତି, ନବୀନ ସେଠ, ଅଶୋକ ଭୈଷାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଗାଁ ବନାଞ୍ଚଳରେ ୫୭ ଟିକିଆ ହାତୀପଲ

**ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବାନାଞ୍ଚଳରେ ଜୁଲାଇ ମାସରୁ ଏକ ହାତୀ ପଲ ପଶି ଉପଦ୍ରବ କରୁଥିବା ବେଳେ ପୁଣି ଏକ ହାତୀ ପଲ ପଶିଛନ୍ତି। କୁସୁମଡେଗିରେ ୩୦ ଓ ଆଲୁଡେଗା ଅଞ୍ଚଳରେ ୨୭ଟି ହାତୀ ଥିବା ବନ କର୍ମଚାରୀଙ୍କ ଠାରୁ ଜଣାପଡିଛି। ରବିବାର ସନ୍ଧ୍ୟାରେ ହାତୀ କିଞ୍ଜିରକେଲା ଗ୍ରାମର ଷି ସା ଓ ହରୀଶଙ୍କର ସାଙ୍କ ଧାନ ଫସଲ ଖାଇଥିବାବେଳେ ମଙ୍ଗଳବାର ଉଦାରମା ଗାଁର କ୍ଷେତ୍ରବାସୀ ଷଣ୍ଢଙ୍କ ବିଲରୁ ଧାନ ଓ ପଦ୍ମିନୀ ନାଏକଙ୍କ ବିଲରୁ ହରଡ, ଲଙ୍କା ଚାଷ ଦଳିମକଚି ନଷ୍ଟ କରିଦେଇଛନ୍ତି। ଗୋଟିଏ ପଟେ ଅଦିନିଆ ବର୍ଷା ଯୋଗୁ ଚାଷୀ କ୍ଷତିରେ ପଡିଥିବାବେଳେ ଅନ୍ୟପଟେ ହାତୀ ପଲଙ୍କ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି।

# ବିଶ୍ୱ ଆବିଲିଟି ସ୍ପୋର୍ଟ୍ସ ଗେମ୍‌ରେ ସ୍ୱାଧୀନଙ୍କୁ ରୌପ୍ୟ

**ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଇତମା ଗ୍ରାମର ଯୁବକ ସ୍ୱାଧୀନ ମାହାର ଥାଇଲାଣ୍ଡରେ ହୋଇଥିବା ବିଶ୍ୱ ଆବିଲିଟି ସ୍ପୋର୍ଟସ ଗେମ୍‌ରେ ରୌପ୍ୟ ପାଇଛନ୍ତି। ତାଙ୍କର ଏହି ସଫଳତା ଜିଲା, ବ୍ଲକ, ରାଜ୍ୟ ପାଇଁ ଗୌରବ ଆଣିଛି। ଗୁରୁବାର ଅନୁଷ୍ଠିତ ୪୨/୪୪/୪୬/୪୭ ବର୍ଗ ଲମ୍ବା ଡିଆଁରେ ୫.୯୭ ମିଟର ଡେଇଁ ଭାରତକୁ ରୌପ୍ୟ ଦେଇଛନ୍ତି। ସୂଚନା ଯୋଗ୍ୟ, ରାଜ୍ୟ ସ୍ତରରେ ୨୦୧୭ ରୁ ୨୦୨୩ ପର୍ଯ୍ୟନ୍ତ ୧୦୦,୪୦୦ ମିଟର ଦୌଡ, ଲମ୍ବ ଡିଆଁ ଓ ସନ୍ତରଣରେ ସ୍ୱର୍ଣ୍ଣ ପଦକ ପାଇ ଆସୁଥିବା ସ୍ୱାଧୀନ ଚଳିତ ବର୍ଷ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୮ରେ ଜାତୀୟ ସ୍ତର ଲମ୍ବା ଡିଆଁରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ବିଶ୍ୱ ସ୍ତରରେ ନିଜର ପ୍ରତିଭା



ସ୍ୱାଧୀନ ମାହାର ।

ପ୍ରଦର୍ଶନ କରିଥିବା ସ୍ୱାଧୀନଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସ୍ୱାଧୀନ ଗତ କିଛି ବର୍ଷ ହେବ ନିଜ ଅଞ୍ଚଳର ଯୁବତୀ ଯୁବକଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ନିଜ ଗାଁ ଇତମାରେ ମିନି ମାରାଥନ କରାଇ ଆସୁଛନ୍ତି।

# ଯୌତୁକ ପ୍ରଥା ସାମାଜିକ କଳଙ୍କ ସଦୃଶ

## ଆମ ପୋଲିସ ସମିତି ବୈଠକ

**ରାଜଗାଙ୍ଗପୁର ୧୩।୧୨(ଅଶୋକ ପାଣି)**

କରୋନା ପାଇଁ ବନ୍ଦ ହୋଇଥିବା ଆମ ପୋଲିସ ସମିତି ବୈଠକ ପୁନର୍ବାର ରାଜଗାଙ୍ଗପୁର ଥାନା ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ମୂଳ ଉଦ୍ଦେଶ୍ୟ ଯୌତୁକ ପ୍ରଥାକୁ କିପରି ସମାଜରୁ ଶେଷ କରିପାରିବା। ଏହା ଉପରେ ଆଲୋଚନା କରା ଯାଇଥିଲା। ବୈଠକରେ ମୁଖ୍ୟ ଅତିଥିଭାବେ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ଯୋଗ ଦେଇଥିଲେ । ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପରିଚୟ ପ୍ରଦାନ କରିବା ସହ ଯୌତୁକ ପ୍ରଥା ଉପରେ ଆଲୋଚନା କରିଥିଲେ ଓ ଏହାକୁ କିପରି ରୋକା ଯାଇପାରିବ ସେ ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ। ଏସ୍‌ଡିପିଓ ପାଣିଗ୍ରାହୀ ଆଲୋଚନାରେ ଅଂଶ ଗ୍ରହଣ କରି ଯୌତୁକ ପ୍ରଥା ଗୋଟିଏ ସାମାଜିକ କଳଙ୍କ ସଦୃଶ, ଯୌତୁକ ଦେବା, ଯୌତୁକ ଉପରେ ମଧ୍ୟସ୍ଥିତତା କରିବା ଓ ଯୌତୁକ ନେବା ଆଇନଗତ ଅପରାଧ, ଯୌତୁକ ଜନିତ ବିଭିନ୍ନ ଧାରାକୁ ନେଇ ବ୍ୟକ୍ତବ୍ୟ ରଖିଥିଲେ । ପୌରାଧ୍ୟକ୍ଷା ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। ବୈଠକରେ ପୌର ପାଳିକା ଉପାଧ୍ୟକ୍ଷ ମହମ୍ମଦ ଇରଫାନ, ଡାଲମିଆ ମହାବିଦ୍ୟାଳୟ ଅଧ୍ୟାପିକା ବାନୋ, ଶିକ୍ଷାବିତ ସୁଜାତା ଦାଶ, ପୌର ପରିଷଦର ବିଭିନ୍ନ ପାରିଷଦ ତଥା ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇ ଥିଲେ।




ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ୍)/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରଗ୍ୱା/ବାକୁଡିହ/ତାଳଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍‌ୱେ ୱାଗନ/ହପରରେ ୫୦ ମିମି ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । **ବିଡ୍ ଅମାନତ:** ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-909)

# ଗୋଟିଏ ଶ୍ରେଣୀରେ ପଢୁଛନ୍ତି ପ୍ରଥମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ର



ଗୋଟିଏ ଶ୍ରେଣୀରେ ଛାତ୍ରୀଛାତ୍ରମାନେ ପାଠପଢୁଛନ୍ତି।

**ବିଶ୍ରା,୧୩।୧୨( ବଟକୃଷ୍ଣ ସ୍ୱାଇଁ):** ସୁନ୍ଦରଗଡ ଜିଲା ସୀମାନ୍ତ ବିଶ୍ରା ବ୍ଲକ ଯରେଇକେଲା ପଞ୍ଚାୟତ କୁଣ୍ଡାପୋଷ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧୮ ଛାତ୍ରୀଛାତ୍ରରେ ୨ ଶିକ୍ଷକ ନିଯୁକ୍ତ ହୋଇଥିଲେ। ପିଲା ସଂଖ୍ୟା କମ ଯୋଗୁ ଏହି ବିଦ୍ୟାଳୟକୁ ଏର୍ଲା ମାଝି ଟୋଲି ବିଦ୍ୟାଳୟ ସହ ମିସାଇ ଦିଆଗଲା। ମାତ୍ର ଏଠାରେ ଶ୍ରେଣୀ ଗୃହ ଅଭାବ ଯୋଗୁ ଗୋଟିଏ ଶ୍ରେଣୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ପାଠପଢୁଛନ୍ତି। ଏ ବିଷୟରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନଙ୍କୁ ପଚାରିବାରୁ, ପିଲାଙ୍କ ସଂଖ୍ୟା କମ ଥିବାରୁ ନିକଟସ୍ଥ ବିଦ୍ୟାଳୟରେ ମିସା ଯାଇଛି। ପିଲାମାନେ ଉକ୍ତ ବିଦ୍ୟାଳୟରେ ପାଠ ପଢିବେ, କିଛି ଅସୁବିଧା ହେବ ନାହିଁ ବୋଲି ପ୍ରଧାନ ପ୍ରକାଶ କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

**(୧) ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୨୦୨୩-୪୧ । **ନିଲାମ ତାରିଖ:** ୨୬।୧୨।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୪.୪୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ:** ଖଡ଼ଗପୁର
**ତାରିଖ:** ୧୧।୧୨।୨୦୨୩
ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-914)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ସ୍ମୃତିରେଖା


@ ବଳରାମ


@ ଭବାନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଲରୁ ଶୁଖୁନି ବର୍ଷା ପାଣି, ଧାନ ଫସଲ ନଷ୍ଟ ଆଶଙ୍କା

**ଭବାନୀପାଟଣା,୧୩।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଚାଷୀଙ୍କୁ ଦୁଖଃ ଦେଇ ଯାଇଛି ବାତ୍ୟା 'ମିଗ୍‌ଜୋମ'। ୩ ଦିନିଆ ଲଗାଣ ବର୍ଷାରେ ବିଲରେ ଜମିଥିବା ପାଣି ଆଜି ବି ଶୁଖିନି। ଅମଳ ସମୟରେ ଜମି ନ ଶୁଖିବାରୁ ଧାନ ଫସଲ ନଷ୍ଟ ହେବା ସହ କମ ଦରରେ ଫସଲ ବିକ୍ରି ହେବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଚାଷୀ ଏବେ ଚିନ୍ତାରେ ରହିଛନ୍ତି। କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନେକ ଅଞ୍ଚଳରେ ବର୍ଷା ଯୋଗୁ ଏକର ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। ସେପଟେ ଅଞ୍ଚଳରେ ଧାନାକଟା ପାଇଁ ଶ୍ରମିକ ମିଳୁ ନ ଥିବାରୁ ଧାନକଟା ମେଶିନ ଉପରେ ଚାଷୀ ନିର୍ଭର କରିଥାନ୍ତି। ହେଲେ ବିଲରେ ଏବେ ବି ପାଣି ଜମିରହିଥିବାରୁ କାଦୁଅରେ ଟ୍ରାକ୍ଟର ଓ ଧାନକଟା ମେଶିନ ପସିପାରୁ ନାହିଁ।


ଚାଷ ଜମିରେ ପାଣି ଜମି ରହିଛି।

ଅମଳ ସମୟରେ ଧାନ କଟାଯାଇ ନ ଥିବାରୁ ଏବେ ଧାନ ବିଲରେ ନଷ୍ଟ ହେବା ସହ ଝଡି ଗଜା ହେବାକୁ ବସିଲାଣି । ତେଣୁ ଅମଳ କମିଯିବା ସହ ଧାନର ଗୁଣବତ୍ତା କମିଯିବାରୁ କମ ଦରରେ ମିଲ ମାଲିକମାନେ କିଣି ନେଉଥିବା ଚାଷୀ ଅଭିଯୋଗ କରୁଛନ୍ତି। ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୧ ଲକ୍ଷ ୮୨ ହଜାର ୭୭୭ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଏ ପର୍ଯ୍ୟନ୍ତ ପ୍ରାୟ ୭୦ ପ୍ରତିଶତ ଧାନ କଟା ହୋଇ ସାରିଥିବାରେ ବେଳେ ଏବେ ବି ୩୦ ପ୍ରତିଶତ ଧାନ ଓଦା ଜମି ପାଇଁ ନ କଟା ହୋଇ ବିଲରେ ପଡିରହିଛି। ଧୀରେ

### ଚାଷୀଙ୍କୁ ଦୁଃଖ ଦେଇଗଲା ବାତ୍ୟା 'ମିଗ୍‌ଜୋମ'

ଧୀରେ ଧାନର ରଙ୍ଗ ବଦଳିବା ସହ ଗୁଣବତ୍ତା କମିବାକୁ ଲାଗିଲାଣି। ସେପଟେ ପୂର୍ବରୁ ଅଭାବି ବର୍ଷା ଓ ରୋଗ ପୋକ ଯୋଗୁ ଚାଷୀ ବହୁ କ୍ଷତି ସହି ସାରିଛି । ଆଉ ଏବେ ଅମଳ ସମୟରେ ଏ ଅଦିନିଆ ବର୍ଷା ଚାଷୀକୂଳର ମେରୁଦଣ୍ଡ ଉପରେ ସିଧାସଳଖ ପ୍ରଭାବ ପକାଇଛି। ଏ ବର୍ଷ ଧାନ ଫସଲ ଭଲ ହୋଇ ଥିବାରୁ ହେକ୍ଟର ପିଛା ୩୮-୪୦ କୁଣ୍ଟାଲ ଧାନ ଅମଳ ହେବାର ଲକ୍ଷ୍ୟ ରଖିଥିଲେ ଚାଷୀ। ହେଲେ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀକୂଳକୁ ପ୍ରଭାବିତ କରିଛି। ପ୍ରସାଶନ ଏ ନେଇ ଶୀଘ୍ର ତଦନ୍ତ କରି କ୍ଷତିପୁରଣ ଦେବା ପାଇଁ ଚାଷୀ ଦାବି କରିଛନ୍ତି।

## ଗ୍ରାମୀଣ ଡାକ ସେବକଙ୍କ ଧର୍ମଘଟ, ଡାକ ସେବା ବ୍ୟାହତ

**କୋକସରା,୧୩।୧୨(ଦୁଷ୍ମନ୍ତ କୁମାର ପାଢୀଯୋଶୀ)**

୫ ଦଫା ଦାବି ନେଇ ଅଖିଳ ଓଡ଼ିଶା ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ଚାଲିଥିବା ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ବୁଧବାର ୨ୟ ଦିନରେ ପହଞ୍ଚିଛି। କଳାହାଣ୍ଡି ଜିଲା କୋକସରା ବ୍ଲକର ଗ୍ରାମୀଣ ଡାକ କର୍ମଚାରୀ ସାମିଲ ହୋଇଛନ୍ତି। ଫଳ ସ୍ୱରୂପ ବ୍ଲକର ୨୨ ପଞ୍ଚାୟତରେ ଡାକ ସେବା ଠପ ହୋଇପଡିଛି। ଡାକ ସେବକ ସଂଘର ପ୍ରମୁଖ ଦାବି ମଧ୍ୟରେ ଗ୍ରାମୀଣ ଡାକ ସେବକଙ୍କ ଦୈନିକ କାର୍ଯ୍ୟ ୮ ଘଣ୍ଟା ସ୍ଥିର କରିବା, ୫ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା, ପେନସନ ପ୍ରଦାନ ଓ ଗ୍ରାଚ୍ୟୁଇଟି ଓ ସେଭେରାନ୍ସ ଆଲାଇନ୍ସ ୫ ଲକ୍ଷ ପ୍ରଦାନ କରିବା ଆଦି ରହିଛି। କୋକସରା ଡାକ କାର୍ଯ୍ୟାଳୟ ସମ୍ମୁଖରେ କୈଳାଶ ଚିନ୍ଦା, ରାଧାକାନ୍ତ ପଟେଲ, ଦିବ୍ୟ ରଞ୍ଜନ ପୁରୋହିତ, ଚିନ୍ମୟ ଶବର, ଦେବରାଜ ମହାନନ୍ଦ, ତପନ କୁମାର ପଟ୍ଟନାୟକ, ସୁକାନ୍ତି ଜେନା ପ୍ରମୁଖ କର୍ମଚାରୀମାନେ ସାମିଲ ରହିଛନ୍ତି।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

**ଭବାନୀପାଟଣା,୧୩।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୋଇପିଟା ଗାଁରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ସାମାନାକୁ ଆସିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ। ସେ ହେଲେ ମିନା ଭାଟି(୪୭)। ମିଳିଥିବା ସୂଚନା ଅନୁଯାୟୀ, ଗୋଇପିଟା ଗାଁର ମୋହନ ଭାଟି (୫୩) ଓ ସ୍ତ୍ରୀ ମିନା ଭାଟିଙ୍କ ମଧ୍ୟରେ ପାରିବାରିକ ସମସ୍ୟା ନେଇ ବିଭିନ୍ନ ସମୟରେ ଝଗଡା ହୋଇ ଆସୁଥିଲା। ମଙ୍ଗଳବାର ରାତିରେ ପୁଣିଥରେ ଦୁଇଜଣଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମୋହନ ଘରେ ଥିବା ଟାଙ୍ଗିଆରେ ସ୍ତ୍ରୀଙ୍କୁ ହାଣି ହତ୍ୟା କରିଥିବା ସୂଚନା ମିଳିଛି। ଗାଁ ଲୋକେ ଖବର ପାଇ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ମୋହନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।


ଗିରଫ ସ୍ୱାମୀ ମୋହନ।

# ଗ୍ରାମୀଣ ଡାକ ସେବକ କର୍ମଚାରୀଙ୍କ ଧର୍ମଘଟ


ଡାକ ସେବକ ଧାରଣାରେ ବସିଛନ୍ତି।

**ନୂଆପଡ଼ା,୧୩।୧୨(ମକାରୁ ବେମାଲ)**

ଉତ୍କଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ଆହ୍ୱାନକ୍ରମେ କଳାହାଣ୍ଡି ମଣ୍ଡଳ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ଚାଲିଥିବା ଅନିର୍ଦ୍ଦିଷ୍ଟକାଳ ଧର୍ମଘଟ ବୁଧବାର ୨ୟ ଦିନରେ ପହଞ୍ଚିଛି। ନୂଆପଡ଼ା ଜିଲା ଶାଖା ପକ୍ଷରୁ ସଦର ମୁଖ୍ୟଡାକ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମୀଣ ଡାକ ସେବକ କର୍ମଜଚାରୀମାନେ ଧର୍ମଘଟରେ ବସିଛନ୍ତି। ଗ୍ରାମୀଣ ଡାକ ସେବକଙ୍କ ଦୈନିକ କାର୍ଯ୍ୟ ୮ ଘଣ୍ଟା କରି ପେନସନ ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବା, କମଲେଶ ଚନ୍ଦ୍ର କମିଟି ସୁପାରିଶକୁ ତୁରନ୍ତ କାର୍ଯ୍ୟକାରୀ କରିବା, ୧୨ ବର୍ଷ ଚାକିରି ପୁରଣ କରିଥିବା ଗ୍ରାମୀଣ ଡାକ ସେବକଙ୍କୁ ଆର୍ଥିକ ପଦୋନ୍ନତି ଦେବା, ଗ୍ରୁପ ଇନସୁରାନ୍ସ ୫ ଲକ୍ଷକୁ ବୃଦ୍ଧି କରିବା ଓ ଅନ୍ୟ ଦାବିଗୁଡିକୁ ଶୀଘ୍ର ପୂରଣ କରିବା ପାଇଁ ଧର୍ମଘଟକୁ ଓହ୍ଲାଇଛନ୍ତି। କଳାହାଣ୍ଡି ମଣ୍ଡଳ ଉପସଭାପତି ବ୍ରଜବନ୍ଧୁ ରଣା, ଡିଭିଜିନାଲ ସଂଗଠନ ତଥା ଏସଟି ଏସସି ସହସମ୍ପାଦକ ସନ୍ତୋଷ କୁମାର ନାଏକ, ବିଶ୍ୱଜିତ ରାଉତ, ଭୋପାଳ ଧରୁଆ, ପିହୁରାମ ବାଗ, ଦିନେଶ କୁମାର ଅହିର,ବିଶ୍ରାମ ଅହିର, ପିଲାମନ ଗୌଡ, ମଣିରାମ ସାହା ପ୍ରମୁଖ ଧାରଣାରେ ବସିଛନ୍ତି।




# ଚିକିତ୍ସିତ ହେଲେ ୨ ପଞ୍ଚାୟତର ୪ଶହ ଅସହାୟ ଲୋକ


ଶିବିରରେ ଯୋଗଦେଇଥିବା ଅଧିକାରୀ, ଡାକ୍ତର।

**ଭବାନୀପାଟଣା,୧୩।୧୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାରେ ମାଓବାଦୀ ମୁକାବିଲା କରିବା ପାଇଁ ସିଆର୍‌ପିଏଫ୍ ୬୪ ବାଟାଲିୟନଙ୍କୁ ନିୟୋଜିତ କରାଯାଇଛି। ସେହିପରି ମାଓବାଦୀପ୍ରବଣ ଅଞ୍ଚଳର ଲୋକଙ୍କ ସହିତ ସୁସମ୍ପର୍କ ରଖିବା ପାଇଁ ବିଭିନ୍ନ ସମୟରେ ଜନସମ୍ପର୍କ ଶିବିର ସମେତ ଅନେକ ଜନହିତକର ଗଠନ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏପରିସ୍ଥଳେ ଜିଲାର ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ରୋଡ ଓ କଦମଗୁଡା ପଞ୍ଚାୟତରେ ସିଆର୍‌ପିଏଫ୍ ୬୪ ବାଟାଲିୟନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ୨ ପଞ୍ଚାୟତର ପ୍ରାୟ ୪ ଶହ ଗରିବ, ଅସହାୟ ଲୋକ ମାଗଣାରେ ଚିକିତ୍ସିତ ହେବା ସହ ରୋଗର ନିରାକରଣ ପାଇଁ ଔଷଧ ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ କମାଣ୍ଡ ଅଧିକାରୀ ପି.କେ. ମିଶ୍ର, ଅଷ୍ଟମ ବାଟଲିୟନର ସିନିୟର ମେଡିକାଲ ଅଫିସର ଡ.ସେଲ କ୍ରିଷ୍ଣା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସ୍ମିଥା ଆର୍‌ଏସ୍, ବିଶ୍ୱନାଥପୁର ସିଏଚ୍‌ସିର ଡାକ୍ତର ଜିତେନ୍ଦ୍ର ମାଝି, ନିମାନ ଚନ୍ଦ୍ର ଗହୀର, ଲାଞ୍ଜିଗଡ ରୋଡ୍ ଡାକ୍ତର ନିରୁପମା ନାୟକ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

### ସିଆରପିଏଫ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସ୍ମୃତିରେଖା



@ ବଳରାମ



@ ଭବାନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ଥିତି ବଜାୟ ରଖିବାକୁ କସରତ

ବୌଦ୍ଧ,୧୩।୧୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଦୀର୍ଘ ଦିନ ହେବ ଶାସକ ଦଳ କବଜାରେ ୨ ନିର୍ବାଚନ ମଣ୍ଡଳି ଥିବା ବେଳେ ପୁଣି ନିଜର ସ୍ଥିତି ବଜାୟ ରଖିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। କଂଗ୍ରେସ ଓ ଭାଜପା ମଧ୍ୟ ନିଜ ନିଜ ରଣ କୌଶଳ ଆରମ୍ଭ କରିଥିବା ବେଳେ ଶାସକ ଦଳକୁ ଘେରିବାକୁ ଆନ୍ଦୋଳନ, ଜନସଚେତନତା, କର୍ମୀସମାବେଶ ଜରିଆରେ ଭୋଟରମାନଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଶାସକ ବିଜେଡି ଦଳ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ସାଙ୍ଗକୁ ନବୀନ ଓଡ଼ିଶା,ଯୁବ ଓଡ଼ିଶା ଭଳି କାର୍ଯ୍ୟକ୍ରମ ଜରିଆରେ ଯୁବକ ଓ ଛାତ୍ରଙ୍କୁ ଯୋଡିବାକୁ ଉଦ୍ୟମ କରାଯାଇଛି। ଶାସକ ଦଳ ପକ୍ଷରୁ ନିର୍ବାଚନକୁ ନେଇ ଯୁବ କର୍ମୀଙ୍କୁ ଏକାଠି କରାଯାଇ ବିଭିନ୍ନ ଜୋନକୁ ନେଇ ପୃଥକ ପୃଥକ ଭାବେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୌଦ୍ଧ ଟାଉନହଲଠାରେ ବୁଧବାରଠାରୁ ଏହି ୩ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଶିବିରରେ ପ୍ରଥମ ଦିନରେ ୬ ଓ ୯ ନମ୍ବର ଜୋନର ସମସ୍ତ ଦଳୀୟ ନେତୃମଣ୍ଡଳୀ ଓ ଯୁବ କର୍ମୀମାନଙ୍କୁ ଡକାଯାଇ ତାଲିମ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଜୋନରୁ ୪୦୦ ସକ୍ରିୟ ଯୁବ କର୍ମୀଙ୍କୁ ଡକାଯାଇ ଏହି ତାଲିମ ପ୍ରଦାନ କରାଯାଇଛି। ବିଶେଷ ଭାବେ ସରକାରଙ୍କ ସମସ୍ତ ସଫଳ ଯୋଜନା ତୃଣମୂଳସ୍ତରର ଲୋକଙ୍କ ନିକଟରେ କିପରି ପହଞ୍ଚିପାରିବ ଏବଂ ଏହାର ସଫଳତାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ମନୋରଞ୍ଜନ ସ୍ୱାଇଁ କର୍ମୀଙ୍କୁ ତାଲିମ ପ୍ରଦାନ କରିଥିବାବେଳେ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟରଞ୍ଜନ ନାୟକ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଚିତରଞ୍ଜନ କର୍ଣ୍ଣ, ଜିଲାପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ୬ ନମ୍ବର ଜିଲାପରିଷଦ ସଦସ୍ୟା କଳ୍ପନାରାଣୀ ସାହୁ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ,ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ୬ ନମ୍ବର ଜୋନ ସଂଯୋଜକ ଅଶ୍ୱନୀ କୁମାର ପ୍ରଧାନ, ୯ ନମ୍ବର ଜୋନ ସଂଯୋଜକ ସୁଶାନ୍ତ କୁମାର ପ୍ରଧାନ ଓ ବୌଦ୍ଧ ଏନଏସିର ସଂଯୋଜକ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୌଦ୍ଧ ଏନଏସି ଅଧ୍ୟକ୍ଷ ତଥା ବୌଦ୍ଧ ନିର୍ବାଚନ ମଣ୍ଡଳୀର ନିର୍ବାଚନ ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଜେଡିର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ନେତାମାନେ।

### ବିଜେଡିର ପ୍ରଶିକ୍ଷଣ ଶିବିର

## ଅତାବିରା ବ୍ଲକସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ

ସରଣ୍ଡା,୧୩।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକସ୍ତରୀୟ ତିନି ଦିନିଆ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମ ଅତାବିରା ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ଶହେ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଏବିଇଓ କାର୍ତ୍ତିକ ବାଗ, ତପନ କୁମାର ଦାସ ଓ ରବୀନ୍ଦ୍ର କୁମାର ସାହୁ ନିରୀକ୍ଷଣ କରୁଥିବା ବେଳେ ସାଧନ କର୍ମୀ ଭାବେ ରଶ୍ମିରାଣୀ ନନ୍ଦ, ନୃପ ଭୋଇ, ତ୍ରିଲୋଚନ ସେଟ, ରଷ୍ଟୁଭ ପଣ୍ଡା, ସୀତାପତି ପ୍ରଧାନ, ଜୟଦେବ ନାଏକ, ରଞ୍ଜନ ବାଗ, ଧରମ ନାଏକ, କୃତାର୍ଥ ଚନ୍ଦ୍ର ଭୁଏ ତାଲିମ ପ୍ରଦାନ କରିଥିଲେ। ସିଆରସିସି ନନ୍ଦିଘୋଷ ଭୁଏ ଓ ଅମିତ କୁମାର ସାହୁ ସହଯୋଗ କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ ବଂଶୀ ବିଳପିଲା ଯମୁନା ତଟେ

### ଚତୁର୍ଥ ଦିନରେ ବୌଦ୍ଧ ଧନୁଯାତ୍ରା



ବୌଦ୍ଧ,୧୩।୧୨ ( ଅଜିତ କୁମାର ବାରିକ)

ବୌଦ୍ଧରେ ଚାଲିଥିବା ଧନୁଯାତ୍ରା ବୁଧବାର ଚତୁର୍ଥ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ନାଟକ ବଂଶୀ ବିଳପିଲା ଯମୁନା ତଟେ ମଞ୍ଚସ୍ଥ ହୋଇଥିଲା। ନାଟକ ପୂର୍ବରୁ ନିର୍ବାକ ନୃତ୍ୟ ନାଟିକା ଦକ୍ଷ ଯଜ୍ଞ ବା ସତୀ ଆତ୍ମହୁତୀ ପରିବେଷଣ ହୋଇଥିଲା। ପରେ ନାଟକରେ କୃଷ୍ଣଙ୍କ ଚରିତ୍ର ଉପରେ ଆଧାରିତ ନାଟକ ପରିଷେଣ ହୋଇଥିଲା। ଯାତ୍ରା ପଡିଆରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତ କରାଯାଇ କୃଷ୍ଣଙ୍କ କାଳୀୟ ଦଳନ, ଯୌବନରେ ପଦାର୍ପଣ ଏବଂ ଗୋବତ୍ସାହରଣ, ବ୍ରହ୍ମାଙ୍କ ଠାରୁ ମୋହନ ବଂଶୀ ପ୍ରାପ୍ତି, ଗୋପୀଙ୍କ ବସ୍ତ୍ର ହରଣ, ଯମୁନା ନଦୀରେ ନାବକେଳି ଏବଂ ଶ୍ରୀ ବତ୍ସର ପାଦଚିହ୍ନ ଧାରଣ, ଗୋବର୍ଦ୍ଧନ ଗିରି ଉତ୍ତୋଳନ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ନାଟକ ସହିତ ମୀନା ବଜାର ଓ ବାଣିଜ୍ୟ ମେଳାର ମଜା ଉଠାଉଛନ୍ତି ଦର୍ଶକ । ବୌଦ୍ଧଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ନାଟକ ପରିବେଷିତ ହେଉଛି। ନାଟକରେ କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଦେବକୀ ଆନନ୍ଦ ସିଂ, ନନ୍ଦ ଇନ୍ଦ୍ରମଣୀ ମେହେର, ଯଶୋଦା ସାନୁର୍ଯ୍ୟ ବାରିକ, ଉଗ୍ରେସନ ରୁଦ୍ରଭାନୁ ଭୋଇ, ବଳରାମ ଜିତୁ, ସୁଦାମା ସୋନୁ, ସୁବଳ ବିଷ୍ଣୁ, ବ୍ରହ୍ମା ପୀତବାସ, ରଖୀ ଦୁର୍ଯ୍ୟୋ, ନାଉରୀ କିର୍ତ୍ତୀ, ପଦ୍ମା ଶେଷ, ଦେବକୀ ଲୁଲୁ, ରାଧା ଗୁଡ୍ଡୁ, ଲଳିତା ବାଦଲ,ବିଶାଖା କଳ୍ପୁ, ଦୂତୀ ମାନସ ଅଭିନୟ କରିଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

ସରଣ୍ଡା,୧୩।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତାବିରା ଶାରିରୀକ ଶିକ୍ଷା ବିଭାଗର ବ୍ଲକ ସମ୍ପାଦକ ଲବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ଟିକେଲାଲ ଚାନ୍ଦ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବବ୍ରୁବାହନ ମିଶ୍ର ପରିଚାଳନା କରିଥିଲେ। ଅତାବିରା ହସ୍ପିଟାଲ ନିକଟସ୍ଥ ହନୁମାନ ମନ୍ଦିରରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ଉତ୍ସବ ସ୍ଥଳକୁ ଅଣାଯାଇଥିଲା । କ୍ରୀଡା ଉତ୍ସବରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ବର୍ଗରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। କ୍ରୀଡା ବିଭାଗ ମୁଖ୍ୟ ଗଜିନ୍ଦ୍ର ବାଗଙ୍କ ନେତୃତ୍ୱରେ ଶିକ୍ଷା କେନ୍ଦ୍ରର ହରିବୋଲ ଅଦାବର୍, ସରୋଜ ରଥ, ଯତୀନ୍ଦ୍ର ପ୍ରଧାନ, ନିରଞ୍ଜନ ପଶାୟତ, ସୁନୀଲ ଖମାରୀ, ରତନ ଦୀପ, ଆଲୋକ ପଧାନ, ସୁଦୀପ, ଯୁଗଳ, ମିନତୀ, ମିଲନିକା ତଥା ପରିଚାଳନା କମିଟି ପକ୍ଷରୁ ଜୟ ପ୍ରକାଶ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ପ୍ରଧାନ, ଶେଷଦେବ ନାୟକ ସହଯୋଗ କରିଥିଲେ।






# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ



ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ ଥିବା ଜଣେ ବ୍ୟକ୍ତିଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ତଳଗାଁ,୧୩।୧୨ (କୁନା ବେହେରା )

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିରନରସିଂହପୁର ସ୍ଥାୟୀ ନର୍ସରୀଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ, ପାନୀୟ ଜଳ, ପଞ୍ଚାୟତରାଜ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ବୟାନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ଯୋଗଦେଇଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲଥିବା ୩୭୮ଜଣଙ୍କୁ ବିବାହିତା ସହାୟତା ରାଶି ୧କୋଟି ୭୯ଲକ୍ଷ,୧୫ ହଜାର, ମୃତ୍ୟୁକାଳୀନ ୫୫ ଜଣଙ୍କୁ ୧କୋଟି ୭ଲକ୍ଷ, ଶିକ୍ଷା ସହାୟତା ରାଶି ୧୬୮ଜଣଙ୍କୁ ୯ଲକ୍ଷ ୫୬ହଜାର, ଅନ୍ତେଷ୍ଟି କ୍ରିୟା ସହାୟତା ରାଶି ୫୨ଜଣ ହିତାଧିକାରୀଙ୍କୁ ୨ଲକ୍ଷ ୬୦ହଜାର ଓ ପ୍ରସୂତି କାଳୀନ ସହାୟତା ରାଶି ୭ଜଣଙ୍କୁ ୭୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୋଟ ୬୬୦ଜଣ ହିତାଧିକାରୀଙ୍କୁ ୨କୋଟି ୯୯ଲକ୍ଷ ୧୦୦୦ଟଙ୍କା ଡେମୋ ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି । ତଦ୍‌ସହିତ ୧୫୦ଜଣ ନୂତନ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ନୂତନ ପରିଚୟ ପତ୍ର ପ୍ରଦାନ କରାଯାଇଛି ।




